Odia Daily

www.theutkalsamachar.com

ଉତ୍କଳ ସମାଚାର

ଚିରନ୍ତନିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:283✦9 February 2026 (Monday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୮୩✦୯ ଫେବୃଆରୀ ୨୦୨୬ (ସୋମବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ବିକାଶ ଲେନ୍ସରେ ୪ ସହର : ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ ନେଇ ଅର୍ଥନୈତିକ ଯୋଜନା ଆରମ୍ଭ

ଭୁବନେଶ୍ୱର,୮/୨(ନି/ପ୍ର): ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ ନେଇ ରାଜ୍ୟ ସରକାର ବଡ଼ ଯୋଜନା କରିଛନ୍ତି । ଏହି ୪ଟି ଅଞ୍ଚଳକୁ ଏକ ଅର୍ଥନୈତିକ ଅଞ୍ଚଳ ଭାବେ ବିକଶିତ କରାଯିବ । ଏବେ ଏହି ଅଞ୍ଚଳର ଅର୍ଥନୀତି ସାରା ଓଡ଼ିଶାର ଅର୍ଥନୀତିର ୧୯% ଅଛି । ଅର୍ଥାତ୍ ୨୦୨୫ ସୁଦ୍ଧା ଏହି ଅଞ୍ଚଳର ଅର୍ଥନୀତିର ଆକାର ୨୨.୪ ବିଲିଅନ୍ ଡଲାର ରହିଛି । ଆସନ୍ତା ୨୦ବର୍ଷରେ ଅର୍ଥାତ୍ ୨୦୪୭ ସୁଦ୍ଧା ଏହାକୁ ୫୦୦ ବିଲିଅନ୍ ଡଲାର ଅର୍ଥନୀତିର ଆକାର ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ଏଠାରେ ଢେଙ୍କି ପ୍ରକାରର ଶିଳ୍ପ ହେବ, କିପରି ରୋଜଗାର ଓ ନିଯୁକ୍ତି ବୃଦ୍ଧି ପାଇବ ସେସବୁ ବିଶଜୁ ନଜରରେ ରଖି ନିତି ଆୟୋଗ ପକ୍ଷରୁ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ (ବିସିପିସିଆର) ପାଇଁ ଏକ ଅର୍ଥନୈତିକ ଯୋଜନା ପ୍ରସ୍ତୁତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହି ଅର୍ଥନୈତିକ ଯୋଜନାର ଶୁଭାରମ୍ଭ କରିଛନ୍ତି । ଆଜି ଲୋକସେବା ଭବନ କନ୍‌ଭେନସନ୍ ସେ[ରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ବିସିପିସିଆର' ଅଞ୍ଚଳକୁ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରାଯିବ । ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏହି ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଭାରତର ଅଭିବୃଦ୍ଧିର ଆକାଶରେ ଏହା ଏକ ନୂତନ ତାରକା ଭଳି ଦୃଶ୍ୟମାନ ହେବ । ଏହି ଅଞ୍ଚଳର ସବୁ ସହରର କିଛି ନା କିଛି ନିଜସ୍ୱ ସାମର୍ଥ୍ୟ ଓ ସ୍ୱତନ୍ତ୍ରତା ରହିଛି । ଯେପରିକି ଟେକ୍ନୋଲୋଜି କ୍ଷେତ୍ରରେ ଭୁବନେଶ୍ୱର, ବିଜିନେସ୍ ପରିମଣ୍ଡଳରେ କଟକ, ସାଂସ୍କୃତିକ ଗରିମାରେ ପୁରୀ ଓ ବନ୍ଦରଭିତ୍ତିକ ବିକାଶରେ ପାରାଦୀପ । ବର୍ତ୍ତମାନ ଆମର ପରିକଳ୍ପନା ହେଉଛି ଏହି ଅଞ୍ଚଳଗୁଡ଼ିକୁ ଆଧୁନିକ ଭିତ୍ତିଭୂମି ସହିତ ଯୋଡ଼ାଯିବ ଏବଂ ପ୍ରତ୍ୟେକ ଅଞ୍ଚଳରେ ବିଭିନ୍ନ ପ୍ରକାର ପ୍ରକଳ୍ପ କରାଯିବ । ମେଟାଲ୍ ଡାଉନ୍‌ଷ୍ଟ୍ରିମ୍, କାୟୋଟେକ୍, ଟେକ୍ସଟାଇଲ୍, କେମିକାଲ୍‌ସ, ପର୍ଯ୍ୟଟନ, ଶିକ୍ଷା ଓ ଆଇଟି ପରି ୮ରୁ ଅଧିକ ପ୍ରକଳ୍ପର ଯୋଜନା କରାଯାଇଛି । ଏହା ସହିତ ୩୦ରୁ ଅଧିକ ନୀତିଗତ ସଂସ୍କାର ନିଆଯାଇ ଏ ସମଗ୍ର ଅଞ୍ଚଳକୁ ବିକାଶ ଓ ସମୃଦ୍ଧିର ପ୍ରୟୋଗଶାଳା କରାଯିବ । ୨୦୨୬-୨୭ ବଜେଟ୍‌ରେ କେନ୍ଦ୍ର ସରକାର ସିଟି ଇକୋନୋମିକ୍ ରିଜିଅନ୍ (ସିଆର)ର ପରିକଳ୍ପନା କରିଛନ୍ତି । ଏଥିରେ 'ବିସିପିସିଆର' ରିଜିଅନ୍ ମଧ୍ୟ ସ୍ଥାନ ପାଇଛି । ପ୍ରତ୍ୟେକ ସିଆରର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ ହଜାର କୋଟି ଟଙ୍କାର ପ୍ରାବଧାନ ରଖାଯାଇଛି । କାର୍ଯ୍ୟକ୍ରମରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ, ଏହି ଯୋଜନା ଓଡ଼ିଶାର ଭବିଷ୍ୟତ ନିର୍ମାଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ । ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଅତ୍ୟନ୍ତ ସହାୟକ ହେବ । ଆଗାମୀ ଦିନରେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରେ ଥିବା ବଡ଼ ବଡ଼ ସହରଗୁଡ଼ିକ ପାଇଁ ଏଭଳି ଯୋଜନା ପ୍ରସ୍ତୁତ କରାଯିବା ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା କହିଥିଲେ, ବିକଶିତ ଓଡ଼ିଶା ନିର୍ମାଣର ପ୍ରମୁଖ ସ୍ତମ୍ଭ ହେଉଛି ଏହି ବିସିପିସିଆର ପ୍ରକଳ୍ପ । ଦେଶର ୨୦ଟି ପ୍ରମୁଖ ସହରର ଉନ୍ନତି ପାଇଁ ପ୍ରସ୍ତାବ ରହିଥିବା ବେଳେ ପ୍ରଥମ ୫ଟି ମଧ୍ୟରେ ବିସିପିସିଆର ସ୍ଥାନିତ ହୋଇଛି । ଏହି ରିଜିଅନ୍‌ର ଅଭିବୃଦ୍ଧି ହେଲେ ଅଞ୍ଚଳବାସୀଙ୍କର ମଧ୍ୟ ଅଭିବୃଦ୍ଧି ଘଟିବ । ଲୋକମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବ । ରାଜ୍ୟ ସରକାର ଏହି ଯୋଜନାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରନ୍ତୁ । ନିତି ଆୟୋଗ ସିଇଓ ବି.ଭି.ଆର୍ ସୁବ୍ରମଣ୍ୟମ କହିଥିଲେ, ଆମର ୭୦ରୁ ୮୦ ପ୍ରତିଶତ ଜିଡିପି ସହରାଞ୍ଚଳରୁ ଆସିଥାଏ । ୨୦୪୭ ସୁଦ୍ଧା ଆମ ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକଙ୍କୁ ସହରୀକରଣରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି । ମୁମ୍ବାଇ, ସୁରତ, ବିଶାଖାପଟଣା, ବାରଣାସୀ ପରେ ନିତି ଆୟୋଗର ଏହା ହେଉଛି ପଂଚମ ଯୋଜନା । ଆମର ଏହି ଯୋଜନା କେବଳ ଓଡ଼ିଶା ପାଇଁ ନୁହେଁ, ବିକଶିତ ଭାରତ ପାଇଁ ମଧ୍ୟ ସହାୟକ ହେବ । ମୁଖ୍ୟ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢ଼ୀ ଧନ୍ୟବାଦ ଦେଇଥିଲେ ।

କର୍ଣ୍ଣାଟକର ବିଜୟପୁରାରେ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ

ପାଇଲଟ୍ ଗୁରୁତର

ଥିରୁଅନନ୍ତପୁରମ୍, ୮।୨: କର୍ଣ୍ଣାଟକ ବିଜୟପୁରା ଜିଲ୍ଲାର ରେଡ୍ ବାର୍ଡ ପ୍ରାଇଭେଟ୍ ଜେଟ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ମାଙ୍ଗାଲୋର ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଛି । ପାଇଲଟ୍ ଏବଂ ଚାଲିମପ୍ରାପ୍ତ ପାଇଲଟ୍ ଗୁରୁତର ଆହତ ହୋଇଛନ୍ତି । ଆହତମାନଙ୍କୁ ଡାକ୍ତରଖାନାକୁ ନିଆଯାଇଛି । ଘଟଣାର ତଦନ୍ତ ଚାଲିଛି ଓ ତଦନ୍ତ ଶେଷ ହେବା ପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥାନୀୟ ପୁଲିସ ସୂଚନା ଦେଇଛି ।ରବିବାର ଅପରାହ୍ନରେ ବିଜୟପୁରା ଜିଲ୍ଲାର ବାଲେଶ୍ୱର ଡାଲୁକାର ମାଙ୍ଗାଲୋର ଗାଁ ନିକଟରେ ଏକ ଜେଟ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, କାଲାବୁରାଗି ନିକଟରେ ବିମାନଟି ବାୟୁରେ ବୋହଲିବା ଆରମ୍ଭ କରିଥିଲା । ପାଇଲଟ୍ ବିମାନକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଏହା ମାଙ୍ଗାଲୋର ନିକଟସ୍ଥ ଏକ କ୍ଷେତରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ଥିବା ୨ ଜଣ ଗୁରୁତର ଆହତ ହୋଇଥିଲେ ଏବଂ ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ନିଆଯାଇଥିଲା ।ବିଜୟପୁରାର ମାଙ୍ଗାଲୋର ଗାଁ ନିକଟରେ ଏକ କ୍ଷେତରେ ଦୁର୍ଘଟଣାଗ୍ରସ୍ତ ଜେଟ୍ ବିମାନର ତଦନ୍ତ ଆରମ୍ଭ ହୋଇଛି । ଏ ପର୍ଯ୍ୟନ୍ତ ତଦନ୍ତରୁ ଜଣାପଡ଼ିଛି ଯେ ଇନ୍ଧନ ଅଭାବ ଯୋଗୁଁ ଏହି ଦୁର୍ଘଟଣା ଘଟିଛି । ତଥାପି, ଏପର୍ଯ୍ୟନ୍ତ କୌଣସି ପୁଲିସ ବିବୃତି ମିଳିନାହିଁ । ସ୍ଥାନୀୟ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ରେଡ୍ ବାର୍ଡ ଆଭିଏସନ୍ ମଧ୍ୟ କୌଣସି ଅଧିକାରିକ ବିବୃତି ଜାରି କରିନାହିଁ । ଆହତମାନଙ୍କୁ ପାଇଲଟ୍ ଏବଂ ଚାଲିମପ୍ରାପ୍ତ ପାଇଲଟ୍ ଭାବରେ ଚିହ୍ନଟ କରାଯାଇଛି । ରେଡବାର୍ଡ ଏଭିଏସନ୍ ହେଉଛି ଭାରତରେ ଅବସ୍ଥିତ ଏକ ଅଗ୍ରଣୀ ଉଡ଼ାଣ ଚାଲିମ ଏକାଡେମୀ । ଏହା ସେସ୍ନା ୧୭୨ ଟାଙ୍କୋ ଚାର୍ଲି ପ୍ରାଇଭେଟ୍ ଜେଟ୍ ଉପରେ ଉଡ଼ାଣ ଚାଲିମ ପ୍ରଦାନ କରେ ଏବଂ ଚାଲିମ ପାଇଁ ବିଶ୍ୱସ୍ତରୀୟ ବିମାନ ବ୍ୟବହାର କରେ । ଏକାଡେମୀ ବାରାମତି, ବେଲାଗାଭି ଏବଂ ସେଓନିରେ ଥିବା ଏହାର ଘାଟିଗୁଡ଼ି ପାଇଲଟ୍ ଚାଲିମ ପ୍ରଦାନ କରେ । ରିପୋର୍ଟଅନୁଯାୟୀ, ସେସ୍ନା ୧୭୨ଏସରେ ଏକ ଡେସିକ୍ ଅଟୋପାଇଲଟ୍ ଅଛି ଯାହା ଏକ ନିର୍ଦ୍ଦିଷ୍ଟ ଦିଗରେ ଉଡ଼ିବା, ଏକ ଠକ୍‌ଙ୍କ ଲିୟ ଓଖଣ୍ଡ କ୍ୟାପଚର୍ କରିବା କିମ୍ବା ବର୍ତ୍ତମାନର ଉଚ୍ଚତା କ୍ୟାପଚର୍ କରିବା ଏବଂ ବଜାୟ ରଖିବା ପାଇଁ ବ୍ୟବହାର କରାଯାଇପାରିବ ।

ମର୍ମନ୍ତୁଦ ଦୁର୍ଘଟଣା : ୨ ମୃତ, ୫ ଗୁରୁତର

ପାଡ଼ପୁର,୮/୨(ନି/ପ୍ର):ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଅନ୍ତର୍ଗତ ସୁନପୁର ଗାଁରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଜଣେ ରୋଗୀଙ୍କୁ ଚିକିତ୍ସା ନିମନ୍ତେ ବିଶାଖାପାଟଣା ନେଉଥିବା ସମୟରେ ଏକ ଭୟାବହ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଆଜି ଭୋର ସମୟରେ ଆନ୍ଧ୍ର ପ୍ରଦେଶର ନଦିଗାମ ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଛି । ସୁନପୁରମରୁ ୭ ଜଣ ବ୍ୟକ୍ତି ଏକ କାରରେ ଶ୍ରୀକାକୁଲମକୁ ଯାଉଥିବାବେଳେ ରାଜପଥ ଉପରେ ଅବସ୍ଥିତଥିବା ଏକ ଆଜବର ଭ୍ୟାନରେ କାରଟି ଧକ୍କା ହୋଇଥିଲା । ଫଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିଲା । ମୃତକ ଚାଲିଆ (୪୬) ଓ ମୋହିନୀଷ୍ଟା (୫୦) ବୋଲି ଜଣାପଡିଛି । ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଥିବାବେଳେ ସେମାନଙ୍କୁ ତୁରନ୍ତ ଚେକାଲି ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା । ଘଟଣା ସ୍ଥଳରେ ପୁଲିସ୍ ପହଞ୍ଚି ତଦନ୍ତ ଜାରି ରଖିଛି ।

ପୁରୀରେ ଶ୍ରୀଜୀଉଙ୍କ ଦର୍ଶନ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୮/୨(ନି/ପ୍ର): ଶ୍ରୀମନ୍ଦିରରେ ମହାପ୍ରଭୁ ପୁରୀରେ ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ ଫଟୋ ସେୟାର କରି କହିଛନ୍ତି ଯେ, ପୁରୀ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାର ସୌଭାଗ୍ୟ ଲାଭ କଲି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ମହାପ୍ରଭୁଙ୍କ ପାଖରେ ସମସ୍ତଙ୍କର ମଙ୍ଗଳ କାମନା କରିଛନ୍ତି ।

ଛତିଶଗଡ଼ ଗସ୍ତରେ ଗୃହମନ୍ତ୍ରୀ ଅମିତ ଶାହା

ରାୟପୁରରେ ନକ୍ସଲ ବିରୋଧୀ ଅଭିଯାନର ସମୀକ୍ଷା

ଛତିଶଗଡ,୮/୨:ନକ୍ସଲବାଦର ଅନ୍ତ ପାଇଁ ଜଡ଼ ଆଭିମୁଖ୍ୟ । ଏ ନେଇ ଆଜି ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ଛତିଶଗଡ଼ ରାୟପୁରରେ ଶାହ ଅନେକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଭାଗନେବେ । ନକ୍ସଲବାଦର ଅନ୍ତ ନେଇ ବିଶେଷ ଭାବେ ଆଲୋଚନା ହେବ । ଏଥିସହ ରାଜ୍ୟର ସୁରକ୍ଷା ଏବଂ ପ୍ରାଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ନେଇ ଜଳ ଅଧିକାରୀଙ୍କ ସହ ବୈଠକ କରିବେ ଶାହ । ବୈଠକରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓସାଏ, ରାଜ୍ୟ ଗୃହମନ୍ତ୍ରୀ ବିଜୟ ଶର୍ମା ପ୍ରମୁଖ ସାମିଲ ହେବେ । ଗତକାଲି ଏଂଦାରେ ଶାହ ରାୟପୁରରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ଦୁଇମାସ ଭିତରେ ଶାହଙ୍କ ଏହା ଦ୍ୱିତୀୟ ଛତିଶଗଡ଼ ଗସ୍ତ ଅଟେ ।

ଇରାନ-ଆମେରିକା ଉତେଜନା :

ଆମେରିକା ସହ ଆଲୋଚନାକୁ ନେଇ ବଡ଼ ଅପଡେଟ୍ ଦେଲା ଇରାନ

ନୂଆଦିଲ୍ଲୀ,୮।୨: ଆମେରିକା ସହିତ ଆଲୋଚନା ପୁନର୍ବାର ଆରମ୍ଭ ହେବ ବୋଲି ଆଶା କରାଯାଇଛି । ଏନେଇ ଶନିବାର ଇରାନର ବୈଦେଶିକ ମନ୍ତ୍ରୀ ଅବାସ ଆରାଘଚି କହିଥିଲେ । କିନ୍ତୁ ସେ ସ୍ପଷ୍ଟ କରିଥିଲେ ଯେ, ଇରାନ ଏହାର ଜାତୀୟ ସୁରକ୍ଷା ସହିତ ଜଡ଼ିତ ପ୍ରସଙ୍ଗରେ କୌଣସି ପ୍ରକାରର ସାଲିସ କରିବ ନାହିଁ । ଅଲ ଜାଜିରା ନେଟୱାର୍କ ସହିତ ଏକ ସାକ୍ଷାତକାରରେ ଆରାଘଚି ଚେତାବନୀ ଦେଇଥିଲେ ଯେ, ଯଦି ଆମେରିକା ଇରାନ ଉପରେ ଆକ୍ରମଣ କରେ, ତେବେ ତେହେରାନ ଏହି ଅଞ୍ଚଳରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରିବ । ଆବାସ ଆରାଘଚି କହିଛନ୍ତି ଯେ, ଶୁକ୍ରବାର ଓମାନର ମସ୍କଟରେ ହୋଇଥିବା ଆଲୋଚନା ସମୟରେ ଇରାନର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଉପରେ ଆଲୋଚନା ମଧ୍ୟ ହୋଇନଥିଲା । ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଇରାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ପ୍ରତିରକ୍ଷା ପ୍ରସଙ୍ଗ ସହ ଜଡ଼ିତ ଏବଂ ଏହା ସର୍ବସମ୍ମୁଖରେ ଆଲୋଚନା ପାଇଁ ନୁହେଁ । ଇରାନର ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ, ଆଲୋଚନାରେ ପରମାଣୁ ପ୍ରସଙ୍ଗ ବ୍ୟତୀତ ଅନ୍ୟ କୌଣସି ବିଷୟ ଅନ୍ତର୍ଭୁକ୍ତ ହେବ ନାହିଁ ।ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଆସନ୍ତା ସପ୍ତାହରେ ଓ୍ୱାଶିଂଟନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ, ନେତାନ୍ୟାହୁ ଇରାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଏବଂ ଏହି ଅଞ୍ଚଳରେ କାର୍ଯ୍ୟ କରୁଥିବା ଏହାର ସହଯୋଗୀ ଦେଶଗୁଡ଼ିକର ପ୍ରସଙ୍ଗ ଉଠାଇବେ । ଇରାନ ଇସ୍ରାଏଲର ଏହି ମତକୁ ସମାଲୋଚନା କରି କହିଛି ଯେ, ଗୋଟିଏ ପଟେ ଇସ୍ରାଏଲ ଏହାର ଅସ୍ତ୍ରଶସ୍ତ୍ର ଭଣ୍ଡାର ବୃଦ୍ଧି କରୁଛି ଏବଂ ଅନ୍ୟପଟେ ଏହି ଅଞ୍ଚଳର ଅନ୍ୟ ଦେଶଗୁଡ଼ିକୁ ନିରସ୍ତ୍ରୀକରଣ ପାଇଁ ଚାପ ପକାଉଛି । ଇରାନ-ଆମେରିକା ଉତେଜନା ମଧ୍ୟରେ, ଆମେରିକୀୟ ଅଧିକାରୀ ଷ୍ଟିଭ୍ ୱିଟକଫ୍ ଏବଂ ଜାରେଡ କୁଶନର ଆରବ ସାଗରରେ ନିୟୋଜିତ ୟୁଏସଏସ୍ ଆବ୍ରାହମ ଲିଙ୍କନ ବିମାନବାହକ ଜାହାଜ ପରିଦର୍ଶନ କରିଥିଲେ ।

ପୁଣି ଫେରିଲା ଶୀତ :

୭ ସହର ପାରଦ ୧୦ ଡିଗ୍ରି ତଳେ, ୨ ଦିନ ପରେ କମିବ ଶୀତ

ଭୁବନେଶ୍ୱର,୮/୨(ନି/ପ୍ର):ଗତ କିଛି ଦିନ ହେଲା ରାଜ୍ୟର ତାପମାତ୍ରା ସ୍ୱାଭାବିକକୁ ଫେରିବାରେ ଲାଗିଥିବା ବେଳେ ଶୁକ୍ରବାର ରାଜ୍ୟର ରାତି ତାପମାତ୍ରା ପୁଣି ତଳକୁ ଖସିଛି । ବିଶେଷ କରି ପଶ୍ଚିମ ଓ ଆଭ୍ୟନ୍ତର ଓଡ଼ିଶାର ପାରଦସ୍ତର ଆଖିଦୃଶିଆ ତଳକୁ ଖସିଛି । ଉତ୍ତର ଆଭ୍ୟନ୍ତର ଓଡ଼ିଶା ସମେତ ଉତ୍ତର ଉପକୂଳ ଓ ଦକ୍ଷିଣ ଓଡ଼ିଶାର ରାତି ପାରଦ ପାଖାପାଖି ୨ରୁ ୪ ଡିଗ୍ରି ଯାଏଁ ତଳକୁ ଖସିଛି । ଫଳରେ ଉତ୍ତର ଆଭ୍ୟନ୍ତର ଓଡ଼ିଶାର ରାତି ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ପାଖାପାଖି ୬ ଡିଗ୍ରି ତଳେ ରହିଛି । ଗତକାଲି ରାତିରେ ୭ଟି ସହରର ରାତି ତାପମାତ୍ରା ପୁଣି ୧୦ ଡିଗ୍ରି ତଳକୁ ଖସିଛି । ରାଜ୍ୟର ସର୍ବନିମ୍ନ ପାରଦ ସ୍ଥର ଶୁକ୍ରବାର ରାତିରେ ସୁ. ଉଦୟଗିରିଠାରେ ୫.୬ ଡିଗ୍ରି ରେକର୍ଡ ହୋଇଥିବା ବେଳେ ରାଉରକେଲାରେ ୭.୬ ଡିଗ୍ରି, ଝାରସୁଗୁଡ଼ାରେ ୮.୮ ଡିଗ୍ରି, ସେମିଳିଗୁଡ଼ାରେ ୯.୬ ଡିଗ୍ରି, ଜିରେଲରେ ୯.୭ ଡିଗ୍ରି, ସୁନ୍ଦରଗଡ଼ ଓ ଫୁଲବାଣୀରେ ୧୦ ଡିଗ୍ରି ଲେଖାଏଁ ରେକର୍ଡ ହୋଇଛି । ଅନ୍ୟପଟେ ଉପକୂଳ ଓଡ଼ିଶାର ରାତି ପାରଦ ସ୍ଥର ବୃଦ୍ଧି ପାଇବାରେ ଲାଗିଛି । ଦ୍ୱୋତନଗରୀ କଟକ ଓ ଭୁବନେଶ୍ୱରର ପାରଦସ୍ତର ସ୍ୱାଭାବିକ ରହିଛି । କଟକର ସର୍ବନିମ୍ନ ରାତି ତାପମାତ୍ରା ୧୬.୪ ଡିଗ୍ରି ଓ ଭୁବନେଶ୍ୱରର ସର୍ବନିମ୍ନ ରାତି ତାପମାତ୍ରା ୧୭.୭ ଡିଗ୍ରି ରହିଛି । ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଏହା ପରବର୍ତ୍ତୀ ୪ରୁ ୫ ଦିନରେ ରାଜ୍ୟର ତାପମାତ୍ରା ୨ରୁ ୪ ଡିଗ୍ରି ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ପାଣିପାଗ କେନ୍ଦ୍ରର ସୂଚନା ମୁତାବକ, ଏବେ ରାଜ୍ୟର ପାଗ ଦିନରେ ଶୁଖିଲା ଓ ଖରାଦିଆ ରହୁଛି । କିଛି କିଛି ସ୍ଥାନରେ ରାତି ଓ ସକାଳୁ କୁହୁଡ଼ି ଦେଖାଯାଉଛି । ଆସନ୍ତା ୧୧ ତାରିଖ ଯାଏଁ ଏହିଭଳି କିଛି କିଛି ସ୍ଥାନରେ କୁହୁଡ଼ି ପଡ଼ିପାରେ । ଅନ୍ୟପଟେ ରାଜଧାନୀ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ସକାଳୁ ମଧ୍ୟମଧରଣର କୁହୁଡ଼ି ଦେଖାଯାଇପାରେ । ଦିନର ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରି ଓ ସର୍ବନିମ୍ନ ତାପମାତ୍ରା ୧୭ ଡିଗ୍ରି ରହିପାରେ ।

ଜୁନ୍ ସୁଦ୍ଧା ଯୁଦ୍ଧ ଶେଷ କରିବାକୁ ଚାହୁଁଛି ଆମେରିକା : ଟ୍ରମ୍ପଙ୍କ ଯୋଜନା ପ୍ରକାଶ କଲେ ଜେଲେନସ୍କି

କିଏ,୮/୨: ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି, ଆମେରିକା ୟୁକ୍ରେନ ଓ ରୁଷିଆ ଯୁଦ୍ଧ ସମାପ୍ତ କରିବା ପାଇଁ ଜୁନ୍ ମାସର ନୂତନ ସମୟସୀମା ଦେଇଛି । ଜେଲେନସ୍କିଙ୍କ ଅନୁଯାୟୀ, ଆମେରିକା ପ୍ରଶାସନ ଚାହୁଁଛି ଯେ, ଗ୍ରୀଷ୍ମ ଋତୁ ଆରମ୍ଭ ହେବା ପୂର୍ବରୁ ରୁଷ-ୟୁକ୍ରେନ ଯୁଦ୍ଧ ଶେଷ ହେଉ । ସେ ଏହା ମଧ୍ୟ କହିଛନ୍ତି, ଆଉରା ସପ୍ତାହରେ ଦୁଇ ଦେଶକୁ ଆଉ ଏକ ପର୍ଯ୍ୟାୟ ଆଲୋଚନା ପାଇଁ ଡକାଯାଇ

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଜନାର୍ଦ୍ଦନପୁରର ବାର୍ଷିକ ଉତ୍ସବ

କେନ୍ଦୁଝର,୮/୨(ନି/ପ୍ର): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଜନାର୍ଦ୍ଦନପୁର ର ବାର୍ଷିକ ଉତ୍ସବ ୨୦୨୫ -୨୬ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ର ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ଗୋପୀନାଥ ରାମ ଯୋଗଦେଇ ବିଦ୍ୟାର୍ଥୀ ମାନଙ୍କୁ ପ୍ରେରଣାଦାୟୀ ଅଭିଭାଷଣ ମାଧ୍ୟମରେ ଉତ୍ସାହିତ କରିଥିଲେ । ମୁଖ୍ୟବକ୍ତା ଭାବେ ରାଇସୁଆଁ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ନିର୍ମଳଚନ୍ଦ୍ର ସାହୁ ଯୋଗଦେଇ ଅଭିଭାଷଣ ମାଧ୍ୟମରେ କହିଥିଲେ ନିଜକୁ ସଠିକ ଭାବେ ଉପଯୋଗ କରିପାରିଲେ ସଫଳତା ସୁନିଶ୍ଚିତ । ସମ୍ମାନିତ ଅତିଥିଭାବେ କେନ୍ଦୁଝର ଜିଲ୍ଲାର ବିଶିଷ୍ଟ ସାମ୍ବାଦିକ ବ୍ରଜକିଶୋର ରାୟ ଯୋଗଦେଇ କହିଥିଲେ ଆଜିର ଛାତ୍ର ଛାତ୍ରୀ ଭବିଷ୍ୟତର ନାଗରିକ, ଏଣୁ ଆଜିଠାରୁ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଭବିଷ୍ୟତରେ ଭାରତକୁ ବିଶ୍ୱରେ ସର୍ବଶ୍ରେଷ୍ଠ ଦେଶର ଭାବେ ଗଢିତୋଳିବା ପାଇଁ ନିଜ ନିଜର ଭୂମିକାକୁ ରଖିବା । ସେହିପରି ସମ୍ମାନିତ ଅତିଥିଭାବେ ଶତ୍ରୁଘନ ମହାରଣା,ପଂଚାୟତ ସଭାପତି ଧୃତେନ କୁମାର ପାତ୍ର,ସି.ଆର.ସି.ସି ବସନ୍ତ କୁମାର ପରିଡା, ଏସ. ଏମ. ସି ଅଧ୍ୟକ୍ଷ ସନ୍ତୋଷ କୁମାର ପାତ୍ର ପ୍ରମୁଖ ମଂଚାସିନ ହୋଇ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣାଦାୟୀ ଅଭିଭାଷଣ ରଖିଥିଲେ । ଉତ୍ସବ ପ୍ରାରମ୍ଭରେ ଅତିଥି ମାନେ ମହାପ୍ରଭୁ ଜଗନ୍ନାଥ ଏବଂ କେନ୍ଦୁଝର ର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ବିଦ୍ୟାଳୟର ଉତରୋତୋର ଉନ୍ନତି କାମନା କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ମନ୍ଦାକିନୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ ।ଶିଶୁକ ବନ୍ଧୁଧର ମହାନ୍ତ ମଂଚ ପରିଚାଳନା କରିଥିଲେ । ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟ ର କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଶିକ୍ଷକ ବିଜୟ କୁମାର ପାଣିଗ୍ରାହୀ, ରଞ୍ଜନ କୁମାର ନାୟକ, ସୁବାସ ପାତ୍ର ରଞ୍ଜନ କୁମାର ପତି, ଶିକ୍ଷୟିତ୍ରୀ କୁସୁମିନୀ ମହାପାତ୍ର, ସୁଚରିତା ରାଉତ, ରତ୍ନମଞ୍ଜରୀ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପূର୍ଣ୍ଣ ସହଯୋଗ କରିଥିଲେ ।

କୋଦଗାଡ଼ିଆ ୟୁଜିଏମ୍‌ଏ ସ୍କୁଲର୨୦୦୫ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

କେନ୍ଦୁଝର,୮/୨(ନି/ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ କୋଦଗାଡ଼ିଆ ୟୁଜିଏମ୍‌ଏ ସ୍କୁଲ୍ ର ୨୦୦୫ ମସିହାର ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ମିରିଗିସିଙ୍ଗା ଅନୁଷ୍ଠିତ ହୋଇଯାଇଛି । ମିରିଗିସିଙ୍ଗା ଠାରେ ଅନୁଷ୍ଠିତ ଏହି ବନ୍ଧୁମିଳନ ରେ ପ୍ରାୟ ୩୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଉକ୍ତ ଉତ୍ସବକୁ ପୁରାତନ ଛାତ୍ର ସ୍ୱାବଲମ୍ବନ ମହାନ୍ତ, ଅଜୟ ସେଠୀ, ମଞ୍ଜୁଲତା ନାୟକ, ପ୍ରକାଶ ନାୟକ, ସୁଲତା ବାରିକ, କର୍ଣ୍ଣ ମହାରଣା, ସତ୍ୟବାନ୍ ବାରିକ୍, ସନ୍ଧ୍ୟାରାଣୀ ମହାନ୍ତ, ଭଜମତି ମୁଣ୍ଡା, ବୀଣାପାଣି ମହାଭୂଡ଼, ବିସମତ ନାୟକ, ବିଦ୍ୟୁତପ୍ରଭା ମହାନ୍ତ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । ୨୧ ବର୍ଷ ପରେ କର୍ମମୟ ଜୀବନରୁ ସମୟ ବାହାରକରି ସାଙ୍ଗମାନେ ଏକାଠି ହୋଇଥିବାରୁ ଖୁସି ମନାଇବା ସହ ପରସ୍ପର ଭାବର ଆଦାନ ପ୍ରଦାନ କରିଥିଲେ । ଭବିଷ୍ୟତ କାର୍ଯ୍ୟସୂଚୀ ଓ ବହୁବିଧ ବନ୍ଧୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସହଯୋଗର ହାତ ବଢାଇବାକୁ ସମସ୍ତେ ନିଷ୍ପତି ନେଇଥିଲେ ଏହା ସହିତ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ର ଉନ୍ନତି ଓ ଶିକ୍ଷା ନୀତିକୁ ତ୍ୱରାନ୍ୱିତ କରିବା ସହିତ ପ୍ରଚେଷ୍ଟ ଓ ପରୋକ୍ଷ ଭାବେ ନିଜକୁ ସାମିଲ୍ କରିବାକୁ ନିଷ୍ପତି ନେଇଛନ୍ତି ।

ମନୋଜମଞ୍ଜରୀ ଶିଶୁଭବନ ଉଚ୍ଚ ବିଦ୍ୟାଳୟର ସଫଳତା

କେନ୍ଦୁଝର,୮/୨(ନି/ପ୍ର): କେନ୍ଦୁଝର ସଦରବ୍ଲକ ସନ୍ଦୁ ଭଞ୍ଜ ହାଇସ୍କୁଲରେ ଅନୁଷ୍ଠିତ ତିନିଦିନିଆ ଭାରତୀୟ ଉତଗାଲଢ଼ ପ୍ରଶିକ୍ଷଣ ଶିବିର ରେ ମନୋଜମଞ୍ଜରୀ ଶିଶୁଭବନ ଉଚ୍ଚବିଦ୍ୟାଳୟ ର ଅଠର ଜଣ ଛାତ୍ର ଛାତ୍ରୀ ଗାଇଡ଼ କ୍ୟାପ୍ଟେନ ସଂସୁଲା ମାଥଙ୍କ ନେତୃତ୍ୱ ରେ ଶିବିର ରେ ଯୋଗ ଦେଇ ତାଲିମ ଗ୍ରହଣ କରିବା ସହିତ ବିଭିନ୍ନ ପ୍ରତିଯୋଗିତା ରେ ସକ୍ରିୟ ଅଂଶ ଗ୍ରହଣ କରି ଜଲର ପାର୍ଟ ରେ ପ୍ରଥମ, ନୋଟିଙ୍ଗ ରେ ପ୍ରଥମ, ଗ୍ରୁପ ଡ୍ୟାନ୍ସ ରେ ପ୍ରଥମ, ବ୍ୟାଣ୍ଡେଜ ରେ ଦ୍ୱିତୀୟ, ମାର୍ଚ୍ଚପାଷ୍ଟ ରେ ଦ୍ୱିତୀୟ, ସ୍କିଲୋରମା ରେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହେବା ସହିତ ବିଦ୍ୟାଳୟ ଲୁଗୋରାବାଡ଼ିକୁ ଫେରିଛନ୍ତି, ଏହି କ୍ୟାମ୍ପୋରୀ ରେ ସଫଳତା ପାଇଁ ପ୍ରଧାନ ଶିକ୍ଷକ ତପନ କୁମାର ପଣ୍ଡା ସମସ୍ତ ଙ୍କୁ ଅଭିନନ୍ଦନ ଜଣାଇ କରିବା ସହିତ ଆଗାମୀ ସମୟରେ ଏହି ପ୍ରତିଭା ଙ୍କୁ ରାଜ୍ୟସ୍ତରରେ ଉଜ୍ଜାତିତ କରିବାକୁପ୍ରୋଣାଶାସକ ହେବେବୋଲି ଅଭିହିତ କରିଛନ୍ତି ।

ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ

କେନ୍ଦୁଝର,୮/୨(ନି/ପ୍ର): କେନ୍ଦୁଝର ଜିଲ୍ଲା ପାତଣା ବ୍ଲକ ଅନ୍ତର୍ଗତ କେନ୍ଦେଇପୋଷି ସ୍ଥିତ ପିସମ୍ ଶ୍ରୀ ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, କେନ୍ଦେଇପୋଷି ପରିସରରେ ଶୁକ୍ରବାର ବାର୍ଷିକ କ୍ରୀଡା ଉତ୍ସବ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ନିରୀକ୍ଷକ ଅଧିକାରୀ ପରମେଶ୍ୱର ସାମଲ ଯୋଗଦେଇ କ୍ରୀଡା ମାଧ୍ୟମରେ ଶିଶୁମାନଙ୍କ ଶାରୀରିକ ଓ ମାନସିକ ବିକାଶ ଉପରେ ଗୁରୁତ୍ୱ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ବାରିକ ଛାତ୍ରଛାତ୍ରୀଙ୍କୁ ଶିଷ୍ଟାଚାର, ଶୃଙ୍ଖଳା ଓ ଖେଳମନୋଭାବ ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ । ପୂର୍ବତନ ପ୍ରଧାନ ଶିକ୍ଷକ ରାମାନାୟଣ ମୁଖାର୍ଜୀ,ପୂର୍ବତନ ଶିକ୍ଷକ କୀର୍ତ୍ତନ ବିହାରୀ ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟି ର ଅଧକ୍ଷ ବିବ୍ୟଲୋଚନ ସାହୁ, ସରଫଂଚ ମିନାକ୍ଷୀ ନାୟକ,ସମିତି ସଭ୍ୟ ପ୍ରବୀପ ନାୟକ ପ୍ରମୁଖ ସଂଙ୍ଗାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଉତ୍ସବରେ ସ୍ଥାନୀୟ ସାମ୍ବାଦିକ ବିଜୟ କୁମାର ମହାନ୍ତ ଓ ସନ୍ତୋଷ କୁମାର ପତିଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସଂଙ୍ଗାନୀତ କରାଯାଇଥିଲା । ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଶିକ୍ଷକ ପାର୍ଥ ସାରଥୀ ବେଜ ମଂଚ ପରିଚାଳନା କରିଥିଲେ । ବିଦ୍ୟାଳୟର ଶିକ୍ଷକ ବିନେସ କୁମାର ନାୟକ,ସରୋଜ କୁମାର ମହାନ୍ତ,ଅଶିତ କୁମାର ରାଉତ, ପସୁନ କୁମାର ସେଠୀ, ଚନ୍ଦନ ବିହାଣି, ନିରୁପମା ମହାନ୍ତ, ଜୀବାନି ମହାନ୍ତ, ସୁମିତା ନାୟକ, ସୁନେଲି ସରେନ,ମୋତି ମୋନାଲିସା ମହାପାତ୍ର, ଲକ୍ଷ୍ମୀ ବେହେରା, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ମୁଣ୍ଡା ସମସ୍ତ ଅତିଥି, ଶିକ୍ଷକ, ପରିଚାଳନା କମିଟିର ସଦସ୍ୟ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଜାରକାରେ ଚୋରା ମଦ ବିକ୍ରୀ ବନ୍ଦ ଦାବିରେ ଧର୍ମଶାଳା ଅବକାରୀ ଥାନା ଘେରାଉ

ଧର୍ମଶାଳା,୮/୨(ନି/ପ୍ର): ଯାଜପୁର ଜିଲା ଧର୍ମଶାଳା ଅବକାରୀ ଥାନା ଅଂଚଳରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି । ଫଳରେ ସ୍ଥାନୀୟ ଅଂଚଳରେ ପ୍ରତି ଦିନ ବିଭିନ୍ନ ଘଟଣାମାନ ଘଟୁଥିବା ନଜରକୁ ଆସୁଛି । ସେପଟେ ଅବକାରୀ ବିଭାଗ ଝୌରିରି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଅଂଚଳରେ ଚୁଡ଼ୁଦଙ୍କ ଦୌରାତ୍ମ ବଢିବଢି ଚାଲିଛି । ଅଭିଯୋଗ ପରେ ସେପରି କିଛି ପଦକ୍ଷେପ ନିଆ ନ ଯିବାରୁ ଆଜି ଚୋରା ମଦ ବିକ୍ରୀ ବନ୍ଦ କରିବାକୁ ମହିଳାମାନେ ଅଂଟା ଭିଡିଛନ୍ତି । ତେବେ ଶତାଧିକ ମହିଳା ଅଂଚଳରେ ଚାଲିଥିବା ଚୋରା ମଦ ବିକ୍ରୀ ବନ୍ଦ ଦାବିରେ ଧର୍ମଶାଳା ଅବକାରୀ ଥାନା ଘେରାଉ କରିଛନ୍ତି । ଏହି ଘେରାଉ ରେ ଅଂଚଳର ମହିଳା ଅଂଚଳର ଚୋରା ମଦ ବିକ୍ରୀ ବନ୍ଦ ଦାବି କରି ଥାନା ଆଡ଼େ ଗୋଡ଼ାଇ ଯାଇଥିଲେ । ଏହି ଘେରାଉ ରେ ଅଂଚଳର ଶତାଧିକ ମହିଳା ଯୋଗଦେଇ ଥିଲେ । ଏହି ଘେରାଉ ପରେ ଥାନା ଅଧିକାରୀ ଅଂଚଳର ଚୋରା ମଦ ବିକ୍ରୀ ବନ୍ଦ କରିବା ପାଇଁ ଆଶ୍ୱାସନା ଦେଇଥିଲେ । ଏହି ଘେରାଉ ରେ ଅଂଚଳର ମହିଳା ଅଂଚଳର ଚୋରା ମଦ ବିକ୍ରୀ ବନ୍ଦ ଦାବି କରି ଥାନା ଆଡ଼େ ଗୋଡ଼ାଇ ଯାଇଥିଲେ । ଏହି ଘେରାଉ ରେ ଅଂଚଳର ଶତାଧିକ ମହିଳା ଯୋଗଦେଇ ଥିଲେ । ଏହି ଘେରାଉ ପରେ ଥାନା ଅଧିକାରୀ ଅଂଚଳର ଚୋରା ମଦ ବିକ୍ରୀ ବନ୍ଦ କରିବା ପାଇଁ ଆଶ୍ୱାସନା ଦେଇଥିଲେ ।

ଦ୍ୱାଦଶ ପଂଚାୟତ ସମିତି ଅଧିବେଶନ: ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ଓ ପରିମଳ, ରାସ୍ତାଘାଟ ମୁଖ୍ୟ ପ୍ରସଙ୍ଗ

ଚମ୍ପୁଆ,୮/୨(ନି/ପ୍ର):ଚମ୍ପୁଆ ପଂଚାୟତ ସମିତିର ଦ୍ୱାଦଶ ଅଧିବେଶନ ପଂଚାୟତ ସମିତି ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଚମ୍ପୁଆ ପଂଚାୟତ ସମିତି ଅଧକ୍ଷ ସୁରେଶ ଚନ୍ଦ୍ର ନାୟକ ଏଥିରେ ଅଧକ୍ଷତା କରିଥିଲେ । ସ୍ଥାନୀୟ ବିଧାୟକ ପ୍ରତିନିଧି ସଞ୍ଜିବ କୁମାର ବେହେରା, ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ଉପାଧକ୍ଷା ମଞ୍ଜୁଲତା ମହାଭୂତ, ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବୁନୁ ହାଁସଦା, ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟବାଚି ନାୟକ, ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ମୋନାଲିସା ନାୟକ, ୧୩ ଜଂ ଜିଲା ପରିଷଦ ସଦସ୍ୟ ଉଦୟନାଥ ନାଏକ, ୧୫ଜଂ ଜିଲା ପରିଷଦ ସଦସ୍ୟା ରମଣୀ ନାୟକ ପ୍ରମୁଖ ମଂଚାସୀନ ଥିଲେ । ଏଥିରେ ଚମ୍ପୁଆ ଉପଖଣ୍ଡର ଗ୍ରାମ ଉନ୍ନୟନ, ସ୍ୱାସ୍ଥ୍ୟ, ଶିକ୍ଷା ବିଭାଗ, ଜଳ ଓ ପରିମଳ ବିଭାଗ, ପୂର୍ତ୍ତ ବିଭାଗ, ମତ୍ସ୍ୟ ବିଭାଗ, ପ୍ରାଣାଧନ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ବନବିଭାଗ ଆଦି ବହୁ ପଦାଧିକାରୀଗଣ ଉପସ୍ଥିତ ଥିଲେ । ଏଥିରେ ୨୨ ଗୋଟି ଗ୍ରାମ ପଂଚାୟତର ସମିତି ସଭ୍ୟ ସଭ୍ୟା, ସରପଂଚ, ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏକାଦଶ ଅଧିବେଶନର ବିବରଣୀ ପାଠ କଲାପରେ ଦ୍ୱାଦଶ ଅଧିବେଶନର ରୂପରେଖ ସମ୍ପର୍କରେ ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରୀ ଗୁହକୁ ଅବଗତ କରିଥିଲେ । ପରେ ଉପସ୍ଥିତ ସମିତି ସଭ୍ୟ ସଭ୍ୟା ନିଜ ନିଜ ଗ୍ରାମପଂଚାୟତ ଅଂଚଳର ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଉଠାଇଥିବା ସମସ୍ୟାଗୁଡିକ ଉଦ୍ଧା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଓମ ପ୍ରକାଶ ବାଲିକଙ୍କୁ ଅବଗତ କରିଥିଲେ । ଗ୍ରାମଗୁଡିକରେ ଥିବା ସ୍ୱାସ୍ଥ୍ୟକର୍ମୀ ନିଜ ଅଂଚଳରେ ନରହି ସୁଦୂର ସହରାଂଚଳରେ ରହି ସ୍ୱାସ୍ଥ୍ୟ ସେବାକୁ ଅଣଦେଖା କରୁଥିବା ଉପରେ ଅଙ୍କୁଶ ଲଗାଇବାକୁ ସୂଚନା ଦେଇଥିଲେ । ବିଭିନ୍ନ ଗ୍ରାମପଂଚାୟତର ପ୍ରାୟ ୧୦ ଗୋଟି ସଂଯୋଗୀକରଣ ରାସ୍ତାକୁ ଗ୍ରାମ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିଥିବା କଥା ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଥିଲେ । ଏହାଛଡ଼ା ବିଭିନ୍ନ ଗ୍ରାମାଂଚଳ ତଥା ପଂଚାୟତଗୁଡିକୁ ସଂଯୋଗ କରୁଥିବା ରାସ୍ତାର ପୋଲଗୁଡିକ ବର୍ଷବର୍ଷ ଧରି ସୁଦ୍ଧା ଯୋଗାଇଦେବା ଲକ୍ଷ୍ୟ ପରିରକ୍ଷିତ ହୁଏ ।ମାତ୍ର ୨୦୨୬ ମାର୍ଚ୍ଚ ହେବାକୁ ବସିଲାଣି ଆଜିସୁଦ୍ଧା ସମସ୍ତ ଅଂଚଳକୁ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ହୋଇନଥିବାରୁ ଏହା ଉପରେ ସଦସ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ । ପାନୀୟ ଜଳର ଆବଶ୍ୟକତାକୁ ଚମ୍ପୁଆ ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକରେ ଆବଶ୍ୟକ ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ ବ୍ୟବସ୍ଥା ଆଦି ବିଭିନ୍ନ ଆନୁସଙ୍ଗିକ ଶ୍ଚମ୍ପୁରା, ସଦର, ପାଟଣା, ବ୍ୟବସ୍ଥା କରିବାକୁ ସଦସ୍ୟମାନେ ବାଉଁଶପାଳ ଆଦିବ୍ଲକକୁ ୨୦୨୫ ମାର୍ଚ୍ଚ ଦାବୀ କରିଥିଲେ ।

ଭଦ୍ରକରୁ କୋଲକାତା ଯାଉଥିବାବେଳେ ଗୋରୁ ଗାଡି ଜବତ

ସୋର,୮/୨(ନି/ପ୍ର):ବାଲେଶ୍ୱର ଜିଲ୍ଲା ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ନିକଟରେ ଆଗରେ ଯାଉଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ଗାଡିକୁ ଛାଡି ଚାଳକ ଓ ଖଲାସୀ ଫେରାର ହୋଇଯାଇଥିବା ବେଳେ ଗାଡିଟି ସେଠାରେ ରହିଥିଲା । ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଯାଂଚ କରିବା ପରେ ଏଥିରେ ଗୋରୁ ଥିବା ଜାଣିବାରୁ ପାଇ ସୋର ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିବା ସହିତ ଏଥିରେ ଥିବା ୪୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି । ଗାଡି ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦେଇ ଯାଉଥିବା ଏକ ଟ୍ରକ ଜବତ କରାଯିବା ସହିତ ଏଥିରେ ଥିବା ୪୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରାଯାଇଛି । ସୂଚନା ଅନୁସାରେ ଆଜି ସକାଳେ ଭଦ୍ରକରୁ କଲିକତା ଅଭିମୁଖେ ଯାଉଥିବା ଏକ ଆଇରନ

ଜଙ୍ଗଲ ରକ୍ଷାର ପ୍ରକୃତ ଯୋଦ୍ଧା ଆଦିବାସୀ:ରାଷ୍ଟ୍ରପତି

ରାଉରଙ୍ଗପୁର/ଯଶିପୁର,୮/୨(ନି/ପ୍ର): ମୟୂରଭଞ୍ଜ ଗସ୍ତର ତୃତୀୟ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିମିଳିପାଳକୁ ଯାଇଥିଲେ । ଶିମିଳିପାଳର ଗୁହୁଗୁଡ଼ିଆଠାରେ ଜିଲ୍ଲା ପ୍ରଶାସନ ଚରଫରୁ ଅନୁଷ୍ଠିତ ଏକ ସଭାରେ ଯୋଗ ଦେଇଥିଲେ । ଏହି ଅବସରରେ ସ୍ଥାନୀୟ ହୋ, ସାନ୍ତାଳୀ, ମୁଣ୍ଡା, ଭୂମିଜ, ଦାଣ୍ଡୁଡ଼ି, ଖଡ଼ିଆ ପ୍ରଭୃତି ଆଦିବାସୀମାନେ ଢୁଳଢୁଳି, କରତାଳି ଦେଇ ଉତ୍ସବିତ ସମ୍ବର୍ଦ୍ଧନା ସହକାରେ ସ୍ୱାଗତ କରିଥିଲେ । ସଭା ପ୍ରାରମ୍ଭରେ ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥାଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଂଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ରାଷ୍ଟ୍ରପତି ଶିମିଳିପାଳ ଭିତର ଗୁହୁଗୁଡ଼ିଆକୁ ଆଗମନ ପାଇଁ ତାଙ୍କୁ କୃତଜ୍ଞତା ଜଣାଇଥିଲେ । ଉକ୍ତ ସଭାରେ ରାଷ୍ଟ୍ରପତିଙ୍କ କରକମଳରେ ଭରତୁଏଲ ମୋଡ଼ରେ ରିମୋଟ ଦବାଇ ଶିମିଳିପାଳ ଅଂଚଳରେ ବିଏସଏନଏଲର ୪ଜି ନେଟୱାର୍କ ସେବାର ଲୋକାର୍ପଣ କରିଥିଲେ । ଏହି ଅବସରରେ ଶିମିଳିପାଳବାସୀ ମଧ୍ୟ ନିରନ୍ତର ଇଂଟରନେଟ ତଥା ନେଟୱାର୍କସେବା ସହ ଯୋଡ଼ିହେବେ ବୋଲି ମାନନୀୟ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ଏହାରି ମାଧ୍ୟମରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଉପସ୍ଥିତ ଆଦିବାସୀ ମହିଳା ଓ ଯୁବ ବର୍ଗଙ୍କ ସହ ଭାବବିନିମୟ କରିଛନ୍ତି । ପାଇପାରିବା ସହ ଏହି ଅଂଚଳର ପାଠ ପଢୁଥିବା ଛାତ୍ରଛାତ୍ରୀ ବର୍ତମାନ ଇଂଟରନେଟ ଦ୍ୱାରା ଅଧିକ ପଢିବାର ସୁଯୋଗ ପାଇବେ ଏବଂ ଶିକ୍ଷିତ ଯୁବବର୍ଗଙ୍କ ପାଇଁ ମଧ୍ୟ ଏହା ବେଶ ସହାୟକ ହେବ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଶା ବ୍ୟକ୍ତ କରିଛନ୍ତି । ସେହିପରି ଅଂଚଳବାସୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ମୁର୍ମୁ ଜଙ୍ଗଲ ସୁରକ୍ଷା ଅଂଚଳବାସୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଆଦିବାସୀଙ୍କ ଭୂମିକାକୁ ଉଚ୍ଚ ପ୍ରଶଂସା କରି ଏହାର ସଂରକ୍ଷଣରେ ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ କରିଛନ୍

ବିବିଧା

'ରକ୍ତ ଗୋଲାପ'ର ଟ୍ରେଲର ରିଲିଜ୍

ନିକଟରେ ମୁମ୍ବାଇରେ ରଖିଥିବା 'ରକ୍ତ ଗୋଲାପ'ର ଟ୍ରେଲର ଦର୍ଶକଙ୍କ ମଧ୍ୟରେ ଏକ ଅଲଗା ସ୍ମୃତି ସୃଷ୍ଟି କରିଛି । ଏହି ଚଳଚ୍ଚିତ୍ରଟି ଏକ ନୂତନ କାହାଣୀ ଏବଂ ଉଚ୍ଚମାନର ଅଭିନୟର ଏକ ଚମତ୍କାର ମିଶ୍ରଣ ଭାବରେ ରଖା ହୋଇଛି । ଓଡ଼ିଶାର ବସ୍ତୁ ଓ ଏବଂ ଜକାଜାରକୁ ନେଇ ପ୍ରସ୍ତୁତ ଏହି ଟ୍ରେଲର, ବାସ୍ତବବାଦୀ ଏବଂ ଭାବପୂର୍ଣ୍ଣ ଅଭିନୟର ଏକ ଜିଆଣ୍ଡା ଅନୁଭୂତି ଦେଇଛି । ମଞ୍ଚ ଜଳଜଳ ଅଭିଜ୍ଞ କଳାକାର ଜଳ ନାୟ, ସମରେଶ, ଜଳିତ, ଗୋବିନ୍ଦୁଲ ଜୟପ୍ରକାଶ ଏବଂ ଅଭିଜେତ ପିରି ସେମାନଙ୍କର ବହୁ ଦର୍ଶନ ଅଭିନୟ ଅନୁଭୂତିକୁ ପରାକାଷ ଭାବରେ ଜାଦୁ କରିଛନ୍ତି । ସେମାନଙ୍କର ଦିଗ୍ଭୁଲା ଅଭିନୟ ଏବଂ ଚରିତ୍ରର ଗଭୀରତା ଏହି ସମ୍ପୂର୍ଣ୍ଣ ଶ୍ରମର କାହାଣୀକୁ ସାଧାରଣ ବ୍ୟବସାୟିକ ସିନେମାଠାରୁ ବହୁତ ଉପରକୁ ନେଇଯାଇଛି । 'ରକ୍ତ ଗୋଲାପ'ରେ ଏଠିକା ସ୍ଥାନୀୟରାୟ ଏକ ଆକର୍ଷଣୀୟ ଭୂମିକାରେ ନଜର ଆସିଛନ୍ତି, ଯାହା ତାଙ୍କ ବ୍ୟାପ୍ତିୟରର ସବୁଠାରୁ ଶ୍ରେଷ୍ଠ ଭାବପୂର୍ଣ୍ଣ ଅଭିନୟ ହେବାକୁ ଯାଉଛି । ଜଣେ ନବବିବାହିତା ମହିଳାଙ୍କ ପ୍ରେମ, ହତାଶାର ଦୁଃଖ ଏବଂ ବିବଶ ପ୍ରତିହିଂସା ମଧ୍ୟରେ ସଂଘର୍ଷକୁ ସେ ଚମତ୍କାର ଭାବରେ ବୁଝାଯାଇ କରିଛନ୍ତି । ଅଭିନେତା ରିଜିତ ସହ ନାଜର ଅନ୍ୟ, ଷ୍ଟିଭ୍ ଲେନୋଣ୍ଟ୍ରି ଚରିତ୍ରର ମୁଖ୍ୟ ଆକର୍ଷଣ ଗାଢ଼ିଛି । ଆକ୍ଷିପ୍ତ ପ୍ରଯୋଜକଙ୍କ ହାତା ପ୍ରସ୍ତୁତ ଏହି ଥ୍ରିଲର୍ସ ପ୍ରୟୁଦ ଦୁଇଜଣ ଦର୍ଶକଙ୍କ ମଧ୍ୟରେ ଭୋଗାନ୍ତ ଓ ଜଳ୍ପନା ଜାରି ହେଉଛି ।

ପରବର୍ତ୍ତୀ ପଛର କାହାଣୀ

ନିର୍ଦ୍ଦେଶକ ଶିଶିର ପିମାଳାଙ୍କ ସୁଧାର ନିର୍ଦ୍ଦେଶନା, 'ରକ୍ତ ଗୋଲାପ'କୁ ଏକ ସମ୍ପୂର୍ଣ୍ଣ ଅଭିନୟ ଥ୍ରିଲର୍ ଭାବରେ ପ୍ରତିଷ୍ଠିତ କରିଛି । ଚଳଚ୍ଚିତ୍ରଟି ଆଗାମୀ ଫେବୃଆରୀ ୧୩ ତାରିଖରେ ରିଲିଜ୍ ହେବ ।



'ଭାଗମ୍ ଭାଗ୍-୨'ରେ ମନୋଜଙ୍କ ଏଣ୍ଟ୍ରି

ବଲିଉଡ୍‌ରେ ଏବେ ସିକ୍ୱେଲ୍ ସିନେମା ନିର୍ମାଣର ଧାରା ଚାଲିଛି । ଏହି କ୍ରମରେ ଏବେ ଜନପ୍ରିୟ ସିନେମା 'ଭାଗମ୍ ଭାଗ୍'ର ଦ୍ୱିତୀୟ ନିର୍ମାଣ ହେବାକୁ ଯାଉଛି । ଗୋବିନ୍ଦୁଲା ନଜର ଆସିବେ । ହେଲେ ମନୋଜଙ୍କ ବିପରୀତରେ ବଲିଉଡ୍ ଅଭିନେତ୍ରୀ କରିଷ୍ମା, ସୋନାକ୍ଷୀ ସିନ୍ହା ଏବଂ ଜାକଲିନ୍ ଫର୍ଣ୍ଣାଣ୍ଡିଜ୍ ନାହିଁ । ସିନେମାର ଶୁଟିଂ ଆରମ୍ଭ ମାର୍ଚ୍ଚରୁ ମୁମ୍ବାଇରେ ଆରମ୍ଭ ହେବ ।

ଶ୍ରେୟା-ଜୁବିନ୍‌ଙ୍କ ଜୁଗଲବନ୍ଦୀ

ଫେବୃଆରୀ ୧୩ରେ ମୁମ୍ବାଇରେ କନ୍ସର୍ଟ ହେବ ଓଡ଼ିଆ ସିନେମା 'ବର ଜଣ୍ଟୁ' । ସିନେମାର ମୁଖ୍ୟ କଳାକାରମାନେ ଶ୍ରେୟା ଘୋଷାଲ ଓ ଜୁବିନ୍ ନୌଟିୟାଲ ଏହି କନ୍ସର୍ଟରେ ପରିବେଷଣ କରିବେ । ଏହି ଜୁଗଲବନ୍ଦୀ ଦେଖିବାକୁ ମିଳିବ । ଏଥିରେ ଶ୍ରେୟା ଘୋଷାଲ ଓ ଜୁବିନ୍ ନୌଟିୟାଲ ପରସ୍ପର ସହ ଗୀତ ଗାଇବେ । ଏହି ଜୁଗଲବନ୍ଦୀ ଦେଖିବାକୁ ମିଳିବ । ଏଥିରେ ଶ୍ରେୟା ଘୋଷାଲ ଓ ଜୁବିନ୍ ନୌଟିୟାଲ ଛଡ଼ା ଅନ୍ୟ ଗାୟକ ଗାୟିକା ମଧ୍ୟ ପରିବେଷଣ କରିବେ । ଏହି କନ୍ସର୍ଟ ପୂର୍ବରୁ ଶ୍ରେୟା ଘୋଷାଲ ଓ ଜୁବିନ୍ ନୌଟିୟାଲ ଏକ ସ୍ପେଶାଲ ଫଟୋ ସେସନ୍ ମଧ୍ୟ ଦେଇଛନ୍ତି । ଏହି ଫଟୋ ସେସନ୍‌ରେ ଦୁଇଜଣ ଗାୟକ ଗାୟିକା ଖୁବ୍ ଆକର୍ଷଣୀୟ ଦେଖାଯାଉଛନ୍ତି । ଏହି ଫଟୋ ସେସନ୍‌ରେ ଶ୍ରେୟା ଘୋଷାଲ ଓ ଜୁବିନ୍ ନୌଟିୟାଲ ଖୁବ୍ ଆକର୍ଷଣୀୟ ଦେଖାଯାଉଛନ୍ତି । ଏହି ଫଟୋ ସେସନ୍‌ରେ ଶ୍ରେୟା ଘୋଷାଲ ଓ ଜୁବିନ୍ ନୌଟିୟାଲ ଖୁବ୍ ଆକର୍ଷଣୀୟ ଦେଖାଯାଉଛନ୍ତି ।

ପାଗଳଖାନା ବଦଳରେ ଦୁର୍ଗରେ ସୁଟିଂ

ସଲମାନ ଓ ଭୂମିକାଙ୍କ ଅଭିନୀତ ଫିଲ୍ମ 'ରାଜେ ନମସ୍ତେ ୨୦୦୦ ମରିଚାର ସହରୁ ଅଧିକ ଲୋକପ୍ରିୟ ରୋମାଣ୍ଟିକ୍ ଫିଲ୍ମ ମଧ୍ୟରୁ ଅନ୍ୟତମ । ଏଥିରେ ସଲମାନ୍ ଏବଂ ଭୂମିକାଙ୍କ ଜବରଦସ୍ତ ଅଭିନୟକୁ ଲୋକେ ଭୂରି ଭୂରି ପ୍ରଶଂସା କରିଥିଲେ । ଫିଲ୍ମର ଗୀତ, କାହାଣୀ ଏବଂ ଦୃଶ୍ୟାବଳୀକ ସମ୍ପତ୍ତି, ଏହେ ବି ଦର୍ଶକଙ୍କ ହୃଦୟରେ ସ୍ମୃତି ହୋଇ ରହିଛି । ଏଥିପାଇଁ ଫିଲ୍ମଟି ଏବେ ମଧ୍ୟ ଚର୍ଚ୍ଚାରେ ରହିଛି । ଫିଲ୍ମର ସବୁଠୁ ପ୍ରଶଂସିତ ଦୃଶ୍ୟ ପାଗଳଖାନାର ସୁଟିଂ ହେଲା ଏକ ଗୋଟେ କାହାଣୀ ରହିଛି । ଫିଲ୍ମରେ ଦେଖାଯାଉଥିବା ଶ୍ରୀପୁରାଧାମ ଆଶ୍ରମର ଦୃଶ୍ୟ ଲୋକେଶନ୍ ପାଗଳଖାନାରେ ସୁଟିଂ ହୋଇ ନ ଥିଲା । ଏହା ରାଜସ୍ଥାନର ଏତିହାସିକ ଗୋଲକୁଣ୍ଡା ଦୁର୍ଗରେ ସୁଟିଂ ହୋଇଥିଲା । ସଲମାନଙ୍କ ଅଭିନୀତ 'ରାଧେ' ଚରିତ୍ର ଶ୍ରୀପୁରାଧାମ୍, ଆଶ୍ରମରେ ବିତାଇଥିବା ଯନ୍ତ୍ରଣାଦାୟକ ମୁହୂର୍ତ୍ତ, ଅଶ୍ରୁର ଗତି, ଭୂତା ଗେଟ୍ ଏବଂ ପ୍ରଥମ ପ୍ରଚାର ସହ ଦେଖାଯାଇଥିଲା । ଏଥିରେ କାହାଣୀ ଆହୁରି ଭାବ ବିହ୍ୱଳ ହୋଇଥିଲା । ଏହି ଦୃଶ୍ୟ ପାଇଁ ଫିଲ୍ମ ନିର୍ମାତା ଗୋଲକୁଣ୍ଡାର ପ୍ରାଚୀନ ଏବଂ ଶକ୍ତିପୂର୍ଣ୍ଣ ଦୁର୍ଗକୁ ପସନ୍ଦ କରିଥିଲେ । ଏହାକୁ ପାଗଳଖାନାର ରୂପରେଖ ଦିଆଯାଇଥିଲା । ଦୁର୍ଗର ମଜବୁତ ପଥର କାନ୍ଥ, ନିଆରା ନିର୍ମାଣ ଶୈଳୀ ଦର୍ଶକଙ୍କୁ ବହୁ ସମୟ ଦିନ ଏହାକୁ ଲୋକେଶନ ଏବଂ ବାସ୍ତବିକ ପାଗଳଖାନାର ରୂପ ଦେବାରେ ସହାୟକ ହୋଇଥିଲା । ଏଥିପାଇଁ ବେଶି କିଛି କରିବାକୁ ପଡ଼ି ନ ଥିଲା । ସଲମାନ ଖାନ୍‌ଙ୍କ ଜନ୍ମଦିନରେ ରିଲିଜ ହେ ଏହି ଫିଲ୍ମ ୨୦୦୩ ମରିଚାରେ ମୁକ୍ତିଲାଭ କରିଥିଲା । ସଲମାନ ଖାନ୍‌ଙ୍କ ଜନ୍ମଦିନରେ 'ରାଧେ ନମସ୍ତେ' ଫିଲ୍ମଟି ମାଧ୍ୟମ୍ ଖୁବ୍ ସାଦଷ୍ଟ ହୋଇଥିଲା । ସଲମାନଙ୍କ ଚରିତ୍ର ଏବଂ ମଧ୍ୟ ଦର୍ଶକଙ୍କ ମଧ୍ୟରେ ଚର୍ଚ୍ଚାରେ ରହିଛି । ତେବେ ଏହିକାହାଣିରୁ ଲୟାମାଣ୍ଡିକ ଫିଲ୍ମ ମଧ୍ୟ ଲୋକଙ୍କୁ ଦୁର୍ଭେଦ୍ୟ ଭାବରେ ଭାବ ହୋଇଥିଲା ।

୧୨ ବର୍ଷ ପରେ ଏକାଠି ଶାହରୁଖ-ଫରାହ

ପ୍ରାୟ ଏପରେ ଶାହରୁଖ ଖାନ୍ ଏବଂ ଫରାହ ଖାନଙ୍କ ଯୋଡ଼ି ବହୁ ମନପସନ୍ଦ ମେଉଁଜିବାକୁ ମିଳିଛନ୍ତି । ମନ୍ତ୍ରାର 'ମୈ ହୁଁ ନା-୦' ସିନେମାର କାହାଣୀ ଜନପରେ କାର୍ଯ୍ୟକିଳ୍ପ କାମ କରି ଆସୁଥିଲେ । ଏହି ସିନେମାରେ ଶାହରୁଖ ନବନ୍ନ ଚରିତ୍ରରେ ନଜର ଆସିବେ । ଏହା ହିଁ କାହାଣୀକୁ ଅଧିକ ରୋମାଞ୍ଚିତ କରିଛି । ତେବେ ଶାହରୁଖ ଏବଂ ଫରାହ ୧୨ ବର୍ଷ ପରେ ଏକାଠି ଏହି ସିନେମାରେ କାମ କରିବେ । ସେହିପରି ସିନେମାରେ ଶାହରୁଖ ଖାନ୍ ଚରିତ୍ରକୁ ଜାଣିବା ପରେ ଖୁବ୍ କଷ୍ଟାନ୍ୱିତ ଅଛନ୍ତି । କାରଣ ଏଥିରେ ତାଙ୍କୁ ଦୁଇଟି ବିପରୀତ ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳିବ । ସିନ୍ଦୁଲନରେ ବି ଦେଖାଇଛି ଓ ଇମୋଜିର ଧାରା ଜାରି ରଖିଛି । ଜେଣୁ କରି ଏପରିରେ ବି ଜଳପୂର୍ଣ୍ଣ ଦେଖାଇବାକୁ ମିଳିବ । ଅନ୍ୟପକ୍ଷରେ ଶାହରୁଖଙ୍କ ଦ୍ୱାରାତ ସିନେମାରେ ଅମ୍ବମ ପୁରୁଣା ବହାରାରକ ଲେଇଜାଣି ଖୋଇଥାଲେ ବୋଲି ଦୃଢ଼ାଯାଉଛି ।

''ମୋର ଇଚ୍ଛା ନିଜକୁ ମୁଖ୍ୟ ଚରିତ୍ରରେ ଦେଖିବା''

ସୁଶ୍ରୀ ଅପର୍ଣ୍ଣା ପାଠୀ, ଅଭିନେତା

ଲାଭ ଅଭିନେତା ଟିମ୍ ବହନାକୁ ଅନେକ କଷ୍ଟ ସ୍ୱୀକାର କରେଇଛି । ଆଲ ସେହି ସ୍ୱପ୍ନ ପୂରଣ କରିବାକୁ ପରମ୍ପରା କାମ କରାଯାଇ ଚାଲିଛି । ତେବେ ଫରଫର୍ଣ୍ଣ ଓ ଡିନ ନ କରିଦିଏ ଆଉ ଚାଲିଛି ଯେ ଟିକେ ଫ୍ରାଟ ବାଣ୍ଡିଛି । ଏହି ଏଥାର ସରକାର୍ଗାଙ୍କୁ ଯେ କୁହିଁଥିଲେ ସେଥିରେ ଆଜି ଯେ ପାଇଲି ମାଇଛନ୍ତି ଜଣେ ଅଭିନେତ୍ରୀ । ଜଜାଜାଜନି ଏ ଯେତୋଳୁ ଯେ ମେରେଜନ୍ତି ଆମରେ ମରାଗ । ମାଇ ଏବେ ଯେ 'ଆମ୍ଭ ଆମ ଜକୁଟ'ମାଲ ଗାଇଁଛି ଭୂମିକାରେ ଅଭିନୟ କରୁଛନ୍ତି । ଏହି ଜଜାଗ ମାଲିକା ଜଣେ ମେରେଜନ୍ତି ଡାଲେଶ୍ୱର ବିଶ୍ୱାସ୍ତର୍ଗର ଜିଲେଶ୍ୱରର ପୁଣ୍ଣ୍ଣ ଅପର୍ଣ୍ଣ ପାଠୀ । ଅଧପିରା ଯେବେ ତାଙ୍କ ଜୀବନର ମୂଳ ଲକ୍ଷ୍ୟ । ନିଜ ଜିବ୍ରେ ଜାଲର ଅଭିନୟ କରିବା । ଅଚିରେନ, ଗ୍ରୋମୋସୁଟ୍‌ମାଧ୍ୟମରେ ବସନ୍ତ ରୋଲ ଯେ ମେଗା ଧାରାବାହିକରେ ପାଦ ଅପିଛନ୍ତି । ଏଥିପାଇଁ ତାଙ୍କୁ ଯେବେ ଫରଫର୍ଣ୍ଣ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁଡ଼ିରେ ।

ସେଥିରେ ବସନ୍ତ ହେଲିନି । କିଛି କ୍ଷଣ ପାଇଁ ମନ ଦୁଃଖ ହୋଇଥିଲା । ତଥାପି ମୁଁ ମୋର ସଂଘର୍ଷ ଜାରି ରଖିଥିଲି । 'ଜିଲେ ଜାଉ ଜି ଲୋଡ଼' ଶିଆଲିଜି ଶୋ'ରେ ମୋତେ ପ୍ରତିଭା ପ୍ରଦର୍ଶନର ସୁଯୋଗ ମିଳିଥିଲା । ପରେ ପରେ ଏକ ଫ୍ରେମୋସୁଟ୍ ଦ୍ୱାରା 'ଆମ୍ଭ ଆମ ଜକୁଟ' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଲା ।

ଏଥିପାଇଁ କେଉଁ ଫରଫର୍ଣ୍ଣ କରିଛନ୍ତି?

● ବହୁତ ଫରଫର୍ଣ୍ଣ କରିବାକୁ ପଡ଼ିଛି । ଏକ ମ୍ୟୁଜିକ୍ ଭିଡିଓରେ କାମ କରିବାର ପରେ ମୁଁ ଅଚେତନ ପ୍ରତ୍ୟେକ ହାରାରକୁ ଯାଇଛି । ଫଟୋସୁଟ କରିଛି । ବାର୍ଣ୍ଣ ଦିନ ଏପରି ରୋଡଟ କାମ ମିଳିବାକୁ ଅପେକ୍ଷା କରିବାକୁ ପଡ଼ିଛି । ବାସ୍ତବରେ ସେ ସମୟମେଁ ପାଇଁ ବହୁତ କଷ୍ଟକର ଥିଲା ।

ଭୂମିକା ଚେଲ୍‌ଲେଞ୍ଜପୂର୍ଣ୍ଣ ଥିଲା ଅନୁଭୂତି?

● ଏ କାମକୁ ନେଇ ମୁଁ ଖୁବ୍ ଆଗ୍ରହିତ ଥିଲି । ମନରେ ଭୟ ଥିଲା । କେମିତି କ୍ୟାରେକ୍ଟାରକୁ ସାମ୍ଭାଳିବି, ଏହି ଚିନ୍ତା ଥିଲା । ତା' ପାଇଁ ଅଭିନୟ ବ୍ୟବ୍ୟବ୍ୟ ଭୋଜ ଭିଡ଼ିଓ ଏ ଆ ଥିଲା । ଯେହେତୁ ଧାରାବାହିକର ପୁରା ଟିମ୍ ମୋର ସହ କାମକରାର ଗୁରୁତ୍ୱପୂର୍ଣ୍ଣ ମୋତେ ସେ ସାହାଯ୍ୟ କାମ କରିବାକୁ ପ୍ରେରଣା ଦେଇଥିଲେ । ଆମକୁ ଜଣେ ସିନିୟର ସହ ସଦ୍ ଦେଇଥିଲି ।

ଆଉଟ୍ ଚରିତ୍ର ବିଷୟରେ କିଛି କହନ୍ତୁ?

● 'ଆମ୍ଭ ସାତ ଜକୁଟ' ଏକ ରୋଲପ୍ରୟାଣ ଧାରାବାହିକ । ଆଉଟ ଚରିତ୍ରକୁ ପିଟ୍ ଭାବି ନିର୍ମାତା ମୋତେ ଏହି ଚରିତ୍ର ଦେଇଛନ୍ତି । ଏଥିରେ ମୁଁ ଦେବକ ଲାଲ ରୋଲ୍ ଚରିତ୍ରରେ ଅଭିନୟ କରୁଛି । ଆଉଟ ଜଣେ ଜଣ୍ଟ ମହିଳା । ତା' ଜିବରେ ନକାରାତ୍ମକ ପ୍ରଭୁଲି ଭରି ରହିଛି । ଅନୁଭବରେ ତା'ର ସ୍ୱାମୀଙ୍କ କଥା ମଝିରେ ପଶିବା ଅଥବା ଏପରି ବ୍ୟବହାର କରୁଛି ।

ଫ୍ରିଟ ନ ଅଭିନୟ କରିପାରନ୍ତି?

● ପରାଜିତି ବରେ । ପରିବାର ସହିତ ସମୟ ଦିଏଁ ।

ଫିଟ୍‌ନେସ୍‌ର ରାଜ?

● ଜିମ୍ ଯାଏ । ସନ୍ତୁଳିତ ଖାଦ୍ୟ ଯୋଗେ ଗୁରୁତ୍ୱ ଦିଏ ।

ଅଭିନେତ୍ରୀ ଜୀବନରେ ଜଣେ ଆଦର୍ଶ ଜଣେ ?

● ଜେଜେ ଜାଲ ଆମାଙ୍କୁ ଖୁସି ଦେବାକୁ ଚାହାଁ ପ୍ରତି ଯେତେବେଳି ଜମ୍ମିନ ରହିବା ଚାହୁଁଛି । ଠିକ୍ ସେମିତି ଅଭିନେତ୍ରୀ ମାଳିକ ରହିବାକୁ ଚାହିଁ ଚିତ୍ର ଚରିତ୍ରକୁ ଅନୁଭବ କରିବା ପରାକାଷ । ଚର୍ଚ୍ଚା ଫଟ୍ଟାରେ ପ୍ରତିଦିନ ଦିଛି ମା ଦିଛି ଏଂପରାପରି ଦିନକୁ ପ୍ରସ୍ତୁତ କରିବା ଚାହୁଁଛି । ଯେଉଁମାନେ ଏହି ଲାଇନ୍‌ରେ ଆସିବାକୁ ଚାହୁଁଛନ୍ତି, ସେମାନେ ନିଜକୁ ସେଟିକି ପ୍ରସ୍ତୁତ କରି ଆସନ୍ତୁ । ଏଦେ ଏହି ଲାଇନ୍‌ରେ ପ୍ରବେଶ କରିବାକୁ ଅନେକ ପ୍ରତିଯୋଗିତା ରହିଛି । ଜେଣୁନିକର ପ୍ରତିଭାକୁ ପ୍ରତ୍ୟକ୍ଷ କରି କରନ୍ତୁ ଅଭିନେତା, ଅଭିନେତ୍ରୀ ଜୋକାଲମାଲିରେ ।

ଆଗାମୀ ପ୍ରୋଜେକ୍ଟ?

● ମୁଖ୍ୟ ଚରିତ୍ରରେ ନିଜକୁ ଦେଖିବାକୁ ଇଚ୍ଛା ରହିଛି । ଯେବେଳ ଏପରି ହୁଏ, ପ୍ରତ୍ୟେକ କଳାକାର ଚରିତ୍ର ପ୍ରଦର୍ଶନରେ ନିଜକୁ ଦେଖିବାକୁ ଚାହାଁନ୍ତି । ମୁଁ ମଧ୍ୟ ସେହିପରି ନିଜକୁ ପ୍ରସ୍ତୁତ କରୁଛି । ଦର୍ଶକ ଆଗରେ ଅଭିନୟ ଚାହିଁ ରହିଛି । ତେବେ ଦର୍ଶକଙ୍କ ଭଲପାରବା ମୋତେ ଆଗକୁ ଜଳ ବେଳି ମୋର ଆଶା ।

ଉତ୍କଳ ସମାଚାର

ସମ୍ପାଦକୀୟ...

ସୋମବାର ୯ ଫେବୃଆରୀ ୨୦୨୬

କୋଟିପତିଙ୍କ ସ୍ୱର୍ଗ

ବିଶ୍ୱରେ ସବୁଠାରୁ ଜନବହୁଳ ରାଷ୍ଟ୍ର ଭାରତ । ଏଥିମଧ୍ୟରେ ଲୋକସଂଖ୍ୟା ୧୪୪ କୋଟି ଅତିକ୍ରମ କଲାଣି । ଆମ ଅର୍ଥନୀତି ମଧ୍ୟ ୪ଟ୍ରିଲିୟନ୍ ଡଲାର ଅତିକ୍ରମ କରି ଚତୁର୍ଥ ବୃହତ୍ ଅର୍ଥନୀତିର ମର୍ଯ୍ୟାଦା ହାସଲ କରିଛି । ତେବେ ଦେଶର ଏକଶହ ବିତଶାଳୀ ବ୍ୟକ୍ତିଙ୍କ ହାତରେ ୧ ଟ୍ରିଲିୟନ୍ ଡଲାର ସମ୍ପତ୍ତି ପୁଞ୍ଜ ହୋଇ ରହିଛି । ତେଲିଆ ମୁଷାରେ ତେଲ ଭଳି କିଛି ସୀମିତ ଲୋକଙ୍କ ଉପାର୍ଜନ ବଢୁଛି । ସେମାନେ ଜାତୀୟ ସମ୍ପତ୍ତକୁ ନିଜ କରାୟତରେ ରଖିବାକୁ ସମର୍ଥ ହୋଇଛନ୍ତି । ସରକାରୀ ଓ ବେସରକାରୀ ସ୍ତରରେ ସମସ୍ତ ସୁବିଧା ସୁଯୋଗ ସେହି ବର୍ଗ ହିଁ ଉପଭୋଗ କରୁଛନ୍ତି । ଏତେ ବିପୁଳ ଜନସଂଖ୍ୟା ମଧ୍ୟରୁ ବାର୍ଷିକ କୋଟିଏ ଟଙ୍କା ଉପାର୍ଜନ କ୍ଷମତା ହାସଲ କରିଥିବା ଲୋକଙ୍କ ସଂଖ୍ୟା ୪.୬୮ ଲକ୍ଷରେ ସୀମିତ ଅଛି । ଏହି କୋଟିପତିଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ବିଶ୍ୱିଜିତ ପରିସଂଖ୍ୟାନ ଆକଳନ କରିଛି ଯେ ୨୦୨୯ ସୁଦ୍ଧା ଏହି କୋଟିପତିଙ୍କ ସଂଖ୍ୟା ୫୫ ପ୍ରତିଶତ ବୃଦ୍ଧି ପାଇବ । ଏହା ବିଶ୍ୱହାରାରୁ ୨୧ ପ୍ରତିଶତ ଅଧିକ । ଏକଥା ସତ ଯେ ଆମ ଅର୍ଥନୈତିକ ବ୍ୟବସ୍ଥା ଏଥିସକାଶେ ସୁବିଧା ସୁଯୋଗ ସୃଷ୍ଟି କରୁଛି । ତେବେ ଜନସଂଖ୍ୟା ବୃଦ୍ଧିରୁ ବିଚାର କଲେ ଏମାନଙ୍କ ଆନୁପାତିକ ହାର ଅତି ନଗଣ୍ୟ । ଅସ୍ୱଚ୍ଛଳ ବର୍ଗଙ୍କ ସ୍ଥିତିରେ ଉନ୍ନତି ପାଇଁ ଉପାର୍ଜନ କ୍ଷମତା ବୃଦ୍ଧି ପ୍ରତି ଯଥୋଚିତ ଧ୍ୟାନ ଦିଆଯାଇ ପାରୁନଥିବାର ପରିଲକ୍ଷିତ ହେଉଛି । ନହେଲେ ଦେଶର ୮୧ କୋଟି ଲୋକଙ୍କୁ ମାଗଣା ରାସନ୍ ଦେବାର ବାଧ୍ୟବାଧକତା ସୃଷ୍ଟି ହୋଇ ନ ଥା'ନ୍ତା । କର୍ପୋରେଟ ସଂସ୍କୃତିକୁ ସବୁସ୍ତରରୁ ମିଳୁଥିବା ସରକାରୀ ସହାୟତା ସେମାନଙ୍କୁ ଅଧିକରୁ ଅଧିକ ଧନଶାଳୀ କରିଛି । ତୁଚ ଅର୍ଥନୀତିର ସେମାନେ ହିଁ ବୋଝାଇହୁଣ୍ଡି ବାହକ । ଠିକା ନିଯୁକ୍ତି ମାଧ୍ୟମରେ ଶ୍ରମ ଆଇନର ଖୋଲା ଲଙ୍ଘନ କରି ନିର୍ବାଧାରେ ସେମାନେ ଶୋଷଣ ଜାରି ରଖୁଛନ୍ତି । ସେମାନଙ୍କ ବିପୁଳ ଆୟ ସତ୍ତ୍ୱେ ଏହି ନିମ୍ନ ଆୟକାରୀ ଠିକା ଶ୍ରମିକ ଓ କର୍ମଚାରୀଙ୍କ ଉପାର୍ଜନ ସମୟର ଆବଶ୍ୟକତା ଅନୁରୂପ ହେଉନଥିବାରୁ ଉଭୟଙ୍କର ଆର୍ଥିକ ବୁଝାଁ ମଧ୍ୟରେ ସେମାନେ ଜାତିପାତ କରୁଛନ୍ତି । ଦେଶର ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଉପାର୍ଜନକ୍ଷମତା ସୃଷ୍ଟି କରିବାକୁ ଅସମର୍ଥ । ତେଣୁ ବର୍ଦ୍ଧିତ ବେକାରୀ ଦେଶରେ ଉତ୍ପନ୍ନହୁଥିବା ନାନା ସମସ୍ୟାର କାରଣ ପାଲଟିଛି । ଅଭାବରୁ ଅପରାଧ ପ୍ରବଣତା ବଢୁଛି, କ୍ରମେ ତାହା ନିୟନ୍ତ୍ରଣ ସୀମା ଅତିକ୍ରମ କରୁଛି । ପରିଲକ୍ଷିତ ଆର୍ଥିକ ଅସମାନତା ସାମାଜିକ ଜୀବନଧାରାରେ ଆକାଂକ୍ଷିତ ପରିବର୍ତ୍ତନର ବାଧକ ସାଜିଛି । ଆମ ଦେଶରେ ବୃଦ୍ଧି ପାଉଥିବା ଅରବପତି ଓ କୋଟିପତିଙ୍କୁ ନେଇ ସାମଗ୍ରିକ ବିକାଶର ସ୍ୱପ୍ନ ଦେଖିବାର କୌଣସି ଯଥାର୍ଥତା ନାହିଁ । ଆମେରିକା, ଚୀନ, ଜର୍ମାନୀ ପଛକୁ ଆମେ ବିଶ୍ୱର ଚତୁର୍ଥ ଅର୍ଥନୀତି ରୂପେ ଗର୍ବ କରୁଥିବା ବେଳେ ଆମ ଦେଶରେ ଜୀବନ ଧାରଣର ମାନ ଓ ମୁଣ୍ଡ ପିଛା ଆୟ ତୁଳନାତ୍ମକ ଭାବେ ବହୁତ ପଛରେ ପଡ଼ିଛି । ଉଚ୍ଚ ଆୟକାରୀ ବର୍ଗଙ୍କୁ ଦେଶର ଅର୍ଥନୈତିକ ପ୍ରଗତିର ସୂଚକ ରୂପେ ଗ୍ରହଣ କରାଯାଉଥିବା ବେଳେ ଜୀବନ ଯୁଦ୍ଧରେ ହାରିଯାଉଥିବା ଲୋକସଂଖ୍ୟାର ତୁଚ-ତୃତୀୟାଂଶ ସରକାରୀ ରାଜସ୍ୱ ବା ଟ୍ରେଜେରୀଙ୍କ ଟିକସ ମାଧ୍ୟମରେ ସମୃଦ୍ଧ କରିଚାଲିଛନ୍ତି । ଅଥଚ ଯୋଜନାର ରୂପରେଖ ସେମାନଙ୍କ ଭବିଷ୍ୟତ ବା ସମ୍ପୁଚ୍ଛଳ ଭବିଷ୍ୟତ ଗଢ଼ିବାରେ ସହାୟକ ହେଉନି । ସରକାରଙ୍କ ବିଚାରଧାରାରେ ଏହି ବ୍ୟବଧାନ ସଙ୍କୁଚିତ ନ ହେଲେ ତଥାକଥିତ ବିକଶିତ ଭାରତ ଗଠନ ସ୍ୱପ୍ନ ଅଧୁରା ରହିଯିବ । ଏହା ସତ୍ୟ ଯେ ପ୍ରତିଯୋଗିତାପୂର୍ଣ୍ଣ ବଜାର ଅର୍ଥନୀତିରେ ନିବେଶକାରୀର ପ୍ରାଧାନ୍ୟ ରହିବ । ଆର୍ଥିକସ୍ତରରେ ଅସମାନତାକୁ ଦୂର କରିବା ସମ୍ଭବ ନୁହେଁ । କିନ୍ତୁ ଜୀବନଧାରଣର ମାନରେ ଉନ୍ନତି ଓ ସହନୀୟ ମୁଣ୍ଡପିଛା ଆୟ ବୃଦ୍ଧି ନ ଘଟିଲେ ପ୍ରତିଯୋଗିତାପୂର୍ଣ୍ଣ ପରିବେଶ ସୃଷ୍ଟି ହେବ ନାହିଁ । ଫଳରେ ଏକତୀଟିଆ ଭାବରାର ଓ ଶୋଷଣକୁ ପ୍ରୋତ୍ସାହିତ କରିବ । ଏହା ସାମାଜିକ ଓ ଜାତୀୟ ଜୀବନରେ ଶୃଙ୍ଖଳା ଓ ସଂପ୍ରୀତି ପରିବେଶ ସୃଷ୍ଟିରେ ଗୁରୁତର ପ୍ରତିବନ୍ଧକ ହେବ । ଦେଶର ବିତଶାଳୀ ବ୍ୟକ୍ତିଙ୍କ ସଂପର୍କରେ ଉଲ୍ଲେଖ କଲାବେଳେ ମୁକେଶ ଆମ୍ବାନି ଓ ଗୌତମ ଆଦାନୀଙ୍କୁ ବାଦ ଦେଇ ପାରିବାନି । ଆମ୍ବାନି ୯୧.୮ ବିଲିୟନ ଡଲାର ସମ୍ପତ୍ତିର ମାଲିକ । ସେ ଏସିଆର ସବୁଠାରୁ ଧନଶାଳୀ ବ୍ୟକ୍ତି । ତାଙ୍କ ପଛକୁ ଅଛନ୍ତି ଗୌତମ ଆଦାନୀ । ସେ ୫୩.୫ ବିଲିୟନ ଡଲାର ସମ୍ପତ୍ତିର ମାଲିକ । ଅର୍ଥ ବା ସମ୍ପତ୍ତି ଆହରଣ ପାଇଁ ପ୍ରତିଯୋଗିତା ଓ ପ୍ରତିବୃଦ୍ଧିତା ନିଶ୍ଚୟ ରହିବ । ଗତ ଆର୍ଥିକବର୍ଷରେ ଆମ୍ବାନିଙ୍କୁ ୧ଲକ୍ଷ କୋଟି ଟଙ୍କାର ଆୟ ହ୍ରାସ ପାଇଥିବା ବେଳେ ଆଦାନୀଙ୍କ ଆୟ ୧୩ ପ୍ରତିଶତ ବଢ଼ିଛି । ଆମ ଦେଶରେ ବାର୍ଷିକ ୧୦ କୋଟି ଟଙ୍କା ଆୟ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ତୁଚରଗିରେ ବଢୁଥିବାର ପରିଲକ୍ଷିତ ହୋଇଛି । ସେମାନଙ୍କ ସଂଖ୍ୟା ୪୩ ହଜାରରେ ପହଞ୍ଚିଛି । ସେହିଭଳି ବାର୍ଷିକ ୧ କୋଟିରୁ ୫ କୋଟି ଉପାର୍ଜନ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ୩.୮୯ ଲକ୍ଷ ଓ ୫ କୋଟିରୁ ୧୦ କୋଟି ଟଙ୍କା ଆୟକାରୀଙ୍କ ସଂଖ୍ୟା ୩୬ ହଜାରରେ ପହଞ୍ଚିଛି । ଅବଶ୍ୟ ଏହି ତଥ୍ୟ ଆୟକର ବିଭାଗ ରିପୋର୍ଟରୁ ଜଣାପଡ଼ିଛି । ଏହାଛଡ଼ା ଦେଶରେ ୨୮୪ ଅରବପତି ଅଛନ୍ତି, ଯେଉଁମାନଙ୍କର ଆୟ ସାଉଦୀ ଆରବର ଜିଡିପିଠାରୁ ଅଧିକ । ଦେଶର ଜନସଂଖ୍ୟା ବୃଦ୍ଧିରୁ ବିଚାର କଲେ ଏହି ସୀମିତ ଲୋକଙ୍କ ଉପାର୍ଜନ କ୍ଷମତା ହିଁ ଆମ ଅର୍ଥନୀତିକୁ ନୂଆ ଶିଖରରେ ପହଞ୍ଚାଇଛି । ଅଣିବୃଦ୍ଧି ବା ଜିଡିପି ହାର ବୃଦ୍ଧି ସେମାନଙ୍କ କର୍ମକୁଶଳତା ଉପରେ ନିର୍ଭର କରେ । ଅବଶ୍ୟ ଗତ ତିମାସିକ ଆର୍ଥିକ ରିପୋର୍ଟରେ ଜିଡିପିକୁ କୃଷିର ଅବଦାନ ୪.୨ ପ୍ରତିଶତ ଏକ ଉଲ୍ଲେଖନୀୟ ଘଟଣା । ହେଲେ କୃଷି ଉତ୍ପାଦର ବେପାର ବଣିଜରେ ଏହି ବର୍ଗର ହିଁ ପ୍ରମୁଖ ଭୂମିକା ରହିଛି । ତେଣୁ ଦେଶର ଅର୍ଥନୀତିକୁ ଗତି ଦେଇ ଚତୁର୍ଥସ୍ଥାନରେ ପହଞ୍ଚାଇବାର ସମସ୍ତ ଶ୍ରେୟ ଏମାନଙ୍କୁ ହିଁ ଦିଆଯାଉଛି । ତେଣୁ ସରକାର ବିପୁଳ ବ୍ୟୟାଙ୍କଣ ଛାଡ଼ି କରିବା ସହ କର୍ପୋରେଟ ଟିକସ ମଧ୍ୟ ହ୍ରାସ କରିଛନ୍ତି । କିନ୍ତୁ ଆୟକର ବିଭାଗ ପରିସଂଖ୍ୟାନ କହେ ଏମାନଙ୍କ ଅପେକ୍ଷା ସାଧାରଣ ବର୍ଗହିଁ ଅଧିକ ଟିକସ ଦେଇଛନ୍ତି । ଏସବୁ ସତ୍ତ୍ୱେ ସେମାନଙ୍କ ପ୍ରତି ସରକାରଙ୍କ ସ୍ୱତନ୍ତ୍ର ଆଶୀର୍ବାଦ ରହିଛି ।

ବଣିଜ ବିଚାର : ଜୋତା ଶିଳ୍ପର ଲାଭକୁ ଅଣଦେଖା କାହିଁକି ?

ଆମ ଜୀବନରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଭାବେ ତ ଜୋତା ଓ ଚପଲର ଚାହିଦା ଅଛି, ଫେସନ ଅଭିବ୍ୟକ୍ତି ଭାବେ ଜୋତା ବା ଚପଲ ମଧ୍ୟ ଦେଶ ପୋଷାକର ଏକ ଅଂଶ ଭାବେ ବିପୁଳ ଲୋକପ୍ରିୟ । ସୁତରାଂ, ତାହାର ଉତ୍ପାଦନ ଓ ବ୍ୟବସାୟକୁ ନେଇ ଆମ ରାଜ୍ୟର ସ୍ଥିତି ଏବଂ ଅନ୍ୟ ରାଜ୍ୟମାନେ ଏଥିରେ କେତେ ଅଗ୍ରଣୀ ତାହା ଏକ ଆଲୋଚନା ଲାଗି ଙ୍କଦର୍ଭ ସୃଷ୍ଟି କରିଥାଏ । ପୁଣି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ସ୍ଥାପିତ 'ଉତ୍କଳ ଟାନେରି' ସ୍ୱାଧୀନତା ପୂର୍ବବର୍ତ୍ତୀ ଭାରତରେ ସ୍ୱଦେଶୀ ଉଦ୍ୟୋଗର ଏକ ଜ୍ୱଳନ୍ତରାଗ୍ନିର ଦୃଷ୍ଟାନ୍ତ ହୋଇଥିବାରୁ ଆମ ରାଜ୍ୟରୁ ସେହି ଏକକ ଆଲୋଚନା ଅଧିକ ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ଉଲ୍ଲେଖଯୋଗ୍ୟ ଯେ ଜୋତା କିମ୍ବା ଚପଲ ବ୍ୟବସାୟକୁ ଦୁଇ ଭାଗରେ ବିଭକ୍ତ କରାଯିବ; ପ୍ରଥମଟି ହେଲା ଆମ ଦେଶର ବିଭିନ୍ନ ରାଜ୍ୟରେ ତିଆରି ଓ ବିକ୍ରି ହେଉଥିବା ଜୋତା ବା ଚପଲ ଏବଂ ଦ୍ୱିତୀୟଟି ହେଲା ଆମ ଦେଶରେ ମିଳୁଥିବା ବିଦେଶୀ କମ୍ପାନିର ଜୋତା ବା ଚପଲ । ଆମ ଦେଶୀ ବ୍ରାଣ୍ଡ ଭିତରେ କିଛି ଅଗ୍ରଗଣ୍ୟ ହେଲେ ବାଟା, ଖାଦିମ୍ସ, ଶ୍ରୀଲେଦର୍ସ, ଲିଜେରି ଇତ୍ୟାଦି ଏବଂ ବିଦେଶୀ ବ୍ରାଣ୍ଡଗୁଡ଼ିକ ଭିତରେ ପ୍ରମୁଖ ହେଉଛନ୍ତି ନାଇକି, ପୁମା, ସୋଲମୋନ, ଜନଭର୍ସ, ରିବୋକ, କ୍ରକ୍ସ ଇତ୍ୟାଦି । ତେବେ, ସମସ୍ତେ ନାମକରା ବ୍ରାଣ୍ଡର ଚପଲ ବା ଜୋତା ପିନ୍ଧୁ ନ ଥିବାରୁ ଆଂଚଳିକ ଭାବେ ତିଆରି ଜୋତା ବା ଚପଲର ମଧ୍ୟ ଏକ ବିଶାଳ ବଜାର ରହିଛି, କିନ୍ତୁ ସେ ଉଦ୍ୟୋଗର ସ୍ଥିତି ସୁବ୍ୟବସ୍ଥିତ ନୁହେଁ । ପ୍ରଥମେ ବିଦେଶୀ ବ୍ରାଣ୍ଡର ବ୍ୟବସାୟ ଉପରେ ଆଲୋଚନା କରିବା, ଯାହାର ଦୁଇଟି ସ୍ତର ରହିଛି । ପ୍ରଥମ ସ୍ତରରେ ଥାଆନ୍ତି ନାମକରା ବିଦେଶୀ ବ୍ରାଣ୍ଡଗୁଡ଼ିକ ନିଜେ ପ୍ରସ୍ତୁତ କରୁଥିବା ଜୋତା ବା ଚପଲ, ଯେଉଁ କମ୍ପାନିଗୁଡ଼ିକ ମୂଳତଃ ଆମେରିକା, ଜର୍ମାନୀ, ଜାପାନ ଓ ଦ୍ୱିଜଲାଣ୍ଡରେ ଅବସ୍ଥିତ ଏବଂ ସେମାନଙ୍କ ନାଁରେ ଜୋତା ବିକ୍ରି ହୁଏ । କିନ୍ତୁ ଏଭଳି ଜୋତା ବା ଚପଲ କମ୍ପାନି ଅଧିକାଂଶ ଜୋତା ବା ଚପଲ ନିଜେ ଉତ୍ପାଦନ ନ କରି ସେ ଦାୟିତ୍ୱ ଅନ୍ୟ କମ୍ପାନିଗୁଡ଼ିକୁ ଦେଇ ଦିଅନ୍ତି । ବଡ଼ ବ୍ରାଣ୍ଡଗୁଡ଼ିକ ଲାଗି ଜୋତା ତିଆରି କରୁଥିବା କମ୍ପାନିଗୁଡ଼ିକୁ 'ଥାଉଟସୋର୍ସିଂ ଫୁଟୱେୟର ମ୍ୟାନୁଫାକ୍ଚରର ବୋଲି କୁହାଯାଏ । ଏମାନେ ଦୀର୍ଘକାଳୀନ ଚୁକ୍ତି ଭିତ୍ତିରେ ନାମୀ କମ୍ପାନିଗୁଡ଼ିକ ଲାଗି ଜୋତା ତିଆରି କରିଥାଆନ୍ତି । ଏହା ହେଉଛି ଦ୍ୱିତୀୟ ସ୍ତର । ଏଭଳି 'ଆଉଟସୋର୍ସିଂ'ରୁ ଲାଭବାନ ହେଉଥିବା କମ୍ପାନିଗୁଡ଼ିକ ଭିତରୁ ପାଖାପାଖି ୯୦% ଭିୟେତନାମ, ତାଇୱାନ ଓ ଚୀନରେ ଅବସ୍ଥିତ । ତେଣୁ ବିଶ୍ୱ ବଜାରରେ ବହୁତ ଭାବେ ବିକ୍ରି ହେଉଥିବା ଆମେରିକୀ ବା ୟୁରୋପୀୟ ବ୍ରାଣ୍ଡର ଜୋତା ବା ଚପଲ ପ୍ରକୃତରେ ତିଆରି ହେଉଛି ଏସିଆ ମହାଦେଶର ଉପରୋକ୍ତ କିଛି ଦେଶରେ । ଏହି ପରିପ୍ରେକ୍ଷୀରେ ଯାହା ଧ୍ୟାନ ଆକର୍ଷଣକାରୀ, ତାହା ହେଉଛି ତାଇୱାନ ଓ ଭିୟେତନାମରେ ଜଟାମାଲ ଓ ଶ୍ରମିକ ମଜୁରିରେ ବୃଦ୍ଧି ହୋଇଥିବା ହେତୁ ଅନେକ ବିଦେଶୀ ବ୍ରାଣ୍ଡ ଗଲା ଦଶ ବର୍ଷ ହେଲାଣି ସେମାନଙ୍କ ଦ୍ରବ୍ୟ ଉତ୍ପାଦନ ଲାଗି ଭାରତମୁହାଁ ହୋଇଛନ୍ତି । ଫଳରେ ଏହି ବ୍ରାଣ୍ଡେଡ୍ କମ୍ପାନିଗୁଡ଼ିକୁ ଭାରତ ତିଆରି ଜୋତା ରପ୍ତାନିରେ ବୃଦ୍ଧି ଘଟିଛି । ପୂର୍ବେ ଆମ ଦେଶରେ ଜୋତା କିମ୍ବା ଚପଲ ତିଆରି କଥା ଉଠିଲେ ଭଦନପ୍ରଦେଶର ଆଗ୍ରା ଓ କାନପୁର କଥା ଶୁଣାଯାଉଥିଲା । କିନ୍ତୁ ବିଗତ ଦୁଇ ଦଶନ୍ଧି ହେବ ଦକ୍ଷିଣ ଭାରତର ତାମିଲନାଡୁସ୍ଥ ଅମ୍ବୁର ଓ ରାଣୀପେଟ, ଆନ୍ଧ୍ରପ୍ରଦେଶର ନେଲ୍ଲୋର ଜିଲ୍ଲା ଜୋତା ଓ ଚପଲ ତିଆରିରେ ଅଗ୍ରଣୀ ହୋଇଗଲେଣି । ଏହି ସବୁ ସ୍ଥାନରେ ଉଭୟ ଦେଶୀ ଓ ବିଦେଶୀ ବ୍ରାଣ୍ଡର ଜୋତା ତିଆରି କରାଯାଉଛି । ତାମିଲନାଡୁର ଅମ୍ବୁର ଓ ବେନ୍ନାଇ ଅଞ୍ଚଳରେ ପ୍ରାୟ ୨୨୫ଟି ଜୋତା କିମ୍ବା ଚପଲ ତିଆରି କାରଖାନା ରହିଛି । ଦେଶର ସମୁଦାୟ ଜୋତା ଚାହିଦାର ୩୦% ପୂରଣ କରିଥାଏ କେବଳ ତାମିଲନାଡୁର ଏଇ ଅଂଚଳ । ଦେଶର ଜୋତା କିମ୍ବା ଚପଲ ରପ୍ତାନିର ୪୮% କେବଳ ବେନ୍ନାଇ ବନ୍ଦରରୁ ହିଁ ହୋଇଥାଏ । ସେମିତି ଆନ୍ଧ୍ରପ୍ରଦେଶର ନେଲ୍ଲୋର ଜିଲ୍ଲାରେ ବନ୍ଦର ପାଖରେ ୨୦ରୁ ଅଧିକ ଚପଲ ଓ ଜୋତା ତିଆରି କାରଖାନାମାନ ରହିଛି । କିନ୍ତୁ ଆମ ରାଜ୍ୟରେ ଚପଲ ଓ ଜୋତା ତିଆରି କାରଖାନା ଆଦୌ ନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ; ଅତି ବେଶୀରେ ଆମ ରାଜ୍ୟରେ ମାତ୍ର ୮ଟୁ ୧୦ଟି ଛୋଟ କମ୍ପାନି ଅଛନ୍ତି । ତେଣୁ ଆମ ରାଜ୍ୟ ଏ କ୍ଷେତ୍ରରେ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ । ଆମ ରାଜ୍ୟରେ ମିଳୁଥିବା ଚମଡ଼ା ଜୋତା କିମ୍ବା ଚପଲ କାନପୁର କିମ୍ବା ଆଗ୍ରାରୁ ଆସୁଛି, ଫେସନ ଲାଗି ପିନ୍ଧା ଯାଉଥିବା ଜୋତା କିମ୍ବା ଚପଲ ଆସୁଛି ବେନ୍ନାଇ ଓ ଆନ୍ଧ୍ରରୁ ଏବଂ କମ୍ ଦାମ୍ର ଚପଲ କିମ୍ବା ଜୋତା ଆସୁଛି ଦିଲ୍ଲୀ ଓ ହରିୟାଣାରୁ । କହିବାର ମର୍ମ ହେଲା ଙ୍କପ୍ରତି ସୃଷ୍ଟି ହୋଇଥିବା ସୁଯୋଗର ଲାଭ ଉଠାଇ ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶ ଭଳି ରାଜ୍ୟ ଆଜ ଓ ନିଯୁକ୍ତି ବୃଦ୍ଧିରେ ସଫଳ ହୋଇଥିଲା ବେଳେ ଆମ ରାଜ୍ୟ ଲାଭ ଉଠାଇ ପାରିନାହିଁ । ତାମିଲନାଡୁ ଏ ଦିଗରେ କିଭଳି ଅଗ୍ରଗତି କରିଛି, ତାହା ଦେଖିବା । ଏହି ଆଲୋଚନାରେ କେବଳ ଏକ ନିର୍ଦ୍ଦିଷ୍ଟ ପ୍ରକାରର ଜୋତା କିମ୍ବା ଚପଲକୁ ଅନୁଶୀଳନ ଲାଗି ନିଆଯାଇଛି । ସଂପ୍ରତି ବଜାରରେ ଏକ ପ୍ରକାରର ଚପଲର ଚାହିଦା ବହୁତ, ଯାହାକୁ 'କ୍ରୋସ୍' ଚପଲ ବୋଲି କୁହାଯାଉଛି । ବିଶ୍ୱ ବଜାରରେ ଏହି ପ୍ରକାରର ଚପଲର ବ୍ୟାବସାୟିକ ମୂଲ୍ୟ ୭୫ ହଜାର କୋଟି ଡଲାର ହେଲାଣି । ଏହାର ବିକ୍ରି ବିଗତ ତିନି ବର୍ଷ ଭିତରେ ୭% ହାରରେ ବୃଦ୍ଧି ପାଉଛି ଏବଂ ଆଗାମୀ ୫ ବର୍ଷରେ ଏହି ବୃଦ୍ଧି ହାର ୧୨%ରେ ପହଞ୍ଚିବ ବୋଲି ଆକଳନ କରାଯାଉଛି । ୨୦୩୦ ମସିହା ସୁଦ୍ଧା 'କ୍ରୋସ୍'ଜାତୀୟ ଚପଲର ବଜାର ଆକାର ୧.୧୮ ଲକ୍ଷ କୋଟି ଡଲାରରେ ପହଞ୍ଚିବାର ବୋଲି ଅନୁମାନ କରାଯାଉଛି । ବିଶ୍ୱ ଚପଲ ବଜାରରେ ଏଭଳି ବ୍ୟବସାୟର ସୁଯୋଗକୁ ଉପଲବ୍ଧି କରିପାରିଥିବା ପ୍ରଥମ ରାଜ୍ୟ ହେଉଛି ତାମିଲନାଡୁ । ଗଲା ଦଶନ୍ଧିରେ ତାମିଲନାଡୁ ସରକାର ତାଇୱାନ ଓ ଭିୟେତନାମରୁ ଚପଲ ଉଦ୍ୟୋଗୀମାନଙ୍କୁ ଆମନ୍ତ୍ରଣ କରି ଉଦ୍ୟୋଗ ବସାଇବା ପାଇଁ ଅନେକ ସୁବିଧା ଘୋଷଣା ଦେଇଛନ୍ତି । ଫଳତଃ, କାଂଚିପୁରମ, ତିରୁଣ୍ଡାଶମ ଓ ଭେଲୋର ଭଳି ଅଂଚଳରେ ଜୋତିଏରୁ ଅଧିକ ବଡ଼ ତାଇୱାନୀ ଓ ଭିୟେତନାମୀ କମ୍ପାନି ଉଦ୍ୟୋଗ ସ୍ଥାପନ କରିଛନ୍ତି । ଏହି ସବୁ ଉଦ୍ୟୋଗ ରପ୍ତାନିଭିତ୍ତିକ ଏବଂ ପ୍ରତ୍ୟେକ ଉଦ୍ୟୋଗରେ ପ୍ରାୟ ତିରିଶୁ ତାରୁ ହଜାର ଲୋକ ନିଯୁକ୍ତି ପାଇଛନ୍ତି । ବର୍ଷଭୁଲ ଏକ କୋଟି କ୍ରୋସ୍ ଚପଲ ଯୋଡ଼ା ତିଆରି କରିବାକୁ ହେଲେ ପ୍ରଥମେ ଦରକାର ପ୍ରାୟ ୧୦୦ ଏକର ପରିମିତ ଜମି । ତାମିଲନାଡୁ ସରକାର ଏଭଳି କମ୍ପାନିକୁ ଜମି କୋଡ଼ିଏ ବର୍ଷିଆ ଲିଜ୍ ?ରେ ଦେଇଛନ୍ତି । ଏଭଳି ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଆବଶ୍ୟକ ହୁଏ ପ୍ରାୟ ୪୦୦ କୋଟି ଟଙ୍କା, ଯାହିରେ ଜୋତା ବା ଚପଲ ତିଆରି ମେସିନ ଅନ୍ତର୍ଭୁକ୍ତ । ବର୍ଷକୁ କୋଟିଏ ଯୋଡ଼ା ଚପଲ ତିଆରି କରୁଥିବା କାରଖାନାରେ ମୋଟାମୋଟି ୩୨୦୦ ଜଣ ଲୋକ ନିଯୁକ୍ତି ପାଆନ୍ତି, ଯାହିରୁ ୨୨୦୦ ଜଣ ଅଣକୁଶଳୀ, ପ୍ରାୟ ୯୫୦ ଜଣ ଅର୍ଦ୍ଧକୁଶଳୀ ଏବଂ ମାତ୍ର ପ୍ରାୟ ୫୦ ଜଣ କୁଶଳୀ ବା ଦକ୍ଷ ମାନବ ସମ୍ବଳ ଭାବେ ଗଣା । ଜଣେ ଅଣକୁଶଳୀ କର୍ମଚାରୀ ସକାଶେ ଦରମା ମାସିକ ୨୦ ହଜାର ହୋଇଥିଲା ବେଳେ ଅର୍ଦ୍ଧ ଓ ପୂର୍ଣ୍ଣ ଦକ୍ଷ ମାନବ ସମ୍ବଳ ଲାଗି ଦରମା ବଢ଼ି ପିଛା ମାସିକ ୩୦ ହଜାରରୁ ନେଇ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ । ସୁତରାଂ, ବେକାରି ଦୂରୀକରଣ ଦିଗରେ ଏଭଳି ଉଦ୍ୟୋଗର ଭୂମିକା ଡାଢ଼ପର୍ଯ୍ୟପୂର୍ଣ୍ଣ । ଏଭଳି ଚପଲ ତିଆରି ଲାଗି ଆବଶ୍ୟକ ଜଟାମାଲ ଯଥା ରେଜିନ୍ସ ଓ କିଛି ନିର୍ଦ୍ଦିଷ୍ଟ ରାସାୟନିକ ଦ୍ରବ୍ୟର କିଲୋ ପିଛା ଦର ହେଉଛି ଯଥାକ୍ରମେ ୧୮୦ ଟଙ୍କା ଓ ୩୬୦ ଟଙ୍କା । ଏହି ଆଧାରରେ ହିସାବକୁ ଜଣାପଡ଼େ ଯେ ଗୋଟେ ଯୋଡ଼ା ଏଭଳି ଚପଲର ତିଆରି ମୂଲ୍ୟ ହେଉଛି ମାତ୍ର ୩୨୦ ଟଙ୍କା । କିନ୍ତୁ ତାହାର ବିକ୍ରୟ ଦର ଯାହା, ସେଥିରେ ୪୦% ଲାଭ ମିଳିଥାଏ । ଏଭଳି ଏକ କାରଖାନା ଆରମ୍ଭ ହୋଇ ଉତ୍ପାଦନକ୍ଷମ ହେବା ସ୍ଥଳକୁ ଆସିବା ଲାଗି ସମୁଦାୟ ୧୫ରୁ ୧୮ ମାସ ଆବଶ୍ୟକ । ଆମ ରାଜ୍ୟରେ ଏଭଳି ଉଦ୍ୟୋଗ ଲାଗି ଜମି ଓ ପ୍ରମୁଖ ମାନବ ସମ୍ବଳ ଭାବେ ଅଣକୁଶଳୀ ଶ୍ରମିକଙ୍କ ଉପଲବ୍ଧତାର ଅଭାବ ନ ଥିବାରୁ ଏଭଳି କାରଖାନା ଲାଗି ଅସୁବିଧାର କୌଣସି କାରଣ ନାହିଁ । ଦ୍ୱିତୀୟ କଥା ହେଲା ବିଦେଶୀ କମ୍ପାନି ଲାଗି ଦ୍ରବ୍ୟ ତିଆରି କରିବାକୁ ବୁଲିବଦ୍ଧ ହେଲେ ସେଥି ଲାଗି ଆବଶ୍ୟକ ସେହି କମ୍ପାନିଗୁଡ଼ିକ ଦ୍ୱାରା ଅନୁମୋଦିତ ଜନ୍ମତ ଗୁଣମାନର ଜଟାମାଲ ବିଦେଶରୁ ଆମଦାନି କରାଯାଇଥାଏ । ତେଣୁ ଜଟାମ ମାଲ ଲାଗି ମଧ୍ୟ କିଛି ଅସୁବିଧା ନାହିଁ । ତେଣୁ ଏ ସୁଯୋଗକୁ ହାତେଇ ନେବାରେ ଆମ ରାଜ୍ୟ ଲାଗି ଅସୁବିଧା କେଉଁଠି ? ସ୍ୱଦେଶୀ ଆନ୍ଦୋଳନରେ ଅନୁପ୍ରାଣିତ ହୋଇ ମଧୁବାବୁ ୧୯୦୫ ମସିହାରେ ଉତ୍କଳ ଟାନେରି ଗଢ଼ିଥିଲେ । ରାଜ୍ୟ ପାଇଁ ଆବଶ୍ୟକ ଜୋତା ଙ୍କଲାଗୁଡ଼ି କିଣା ନ ଯାଉ ବୋଲି ମଧୁବାବୁ ଅଟାମ ଲିଖିଥିଲେ । ପରିଣାମରେ ମଧୁବାବୁଙ୍କୁ ଏଥିପାଇଁ ବହୁତ କଷ୍

ଜଙ୍ଗଲ ଜମି ଦଖଲ ବିରୋଧୀ ପ୍ରତିବାଦ ସଭା : ମରିବୁ ପଛେ ଜଙ୍ଗଲ ଜମି ଛାଡ଼ିବୁ ନାହିଁ

ଝାରସୁଗୁଡା,୮/୨(ନି/ପ୍ର): ଝାରସୁଗୁଡା ସଦର ବ୍ଲକ ସ୍ଥିତ ଶ୍ରୀପୁରା ଠାରେ ଏପଶିଲନ କମ୍ପାନୀର ବେଆଇନ ଜଙ୍ଗଲ ଜମି ଦଖଲକୁ ନେଇ ଶୁକ୍ରବାର ପୂର୍ବାହ୍ନ ୧୦ଟା ରେ କମ୍ପାନୀ ସମ୍ମୁଖରେ ଶ୍ରୀପୁରା ଗ୍ରାମବାସୀ ଏକ ପ୍ରତିବାଦ ସଭା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ପ୍ରତିବାଦ ସଭାରେ ଓଡିଶାର ବରିଷ୍ଠ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାଜ ସହିତ ଶତାଧିକ ଗ୍ରାମବାସୀ ଏବଂ ବହୁ ସ୍ୱେଚ୍ଛାସେବୀ କମ୍ପାନୀର ବେଆଇନ କାର୍ଯ୍ୟକୁ ଦୃଢ଼ ବିରୋଧ କରିଥିଲେ । ଏପଶିଲନ କମ୍ପାନୀ ଜିଲ୍ଲା ପ୍ରଶାସନର ବିନା ଅନୁମତିରେ ଶ୍ରୀପୁରା ଗ୍ରାମରେ ଥିବା ଜଙ୍ଗଲ ଜମିକୁ ବେଆଇନ ଭାବେ ଦଖଲ କରି ଆସୁଥିଲା । ଶ୍ରୀପୁରା ଗ୍ରାମବାସୀ ରାଷ୍ଟ୍ରପତି, କେନ୍ଦ୍ରୀୟ ମାନବ ଅଧିକାର କମିଶନ, ମୁଖ୍ୟମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଝାରସୁଗୁଡା ଜିଲ୍ଲାପାଳଙ୍କୁ ବାରମ୍ବାର ଦାବିପତ୍ର ଦେଇଥିବା ବେଳେ ଘଟଣାର ତଦନ୍ତ ପାଇଁ ଝାରସୁଗୁଡା ଜିଲ୍ଲାପାଳ ଏବଂ ରାଜ୍ୟ ବନ ବିଭାଗ ଜିଲ୍ଲା ବନଖଣ୍ଡ ଅଧିକାରୀ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଅଧିକାରୀ ବୃଥା କୌଣସି ତଦନ୍ତ ନକରି ନୀରବ ରହି ଯାଇଥିଲେ । ଏହା ପରେ ଶ୍ରୀପୁରା ଗ୍ରାମବାସୀ ନିଜେ ଜାନୁୟାରୀ ୧୫ ତାରିଖ ଗ୍ରାମସଭା କରି ଗତ ଫେବୃଆରୀ ୨ ତାରିଖ ଦିନ ଉକ୍ତ ଜଙ୍ଗଲ ଜମିର ସୁରକ୍ଷା ସହିତ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମରେ ବୃକ୍ଷ ରୋପଣ କରିଥିଲେ । ପୁଣି ଶୁକ୍ରବାର ସକାଳୁ ଶ୍ରୀପୁରା ଗ୍ରାମର ଶତାଧିକ ପୁରୁଷ ମହିଳା, ଜନ ପ୍ରତିନିଧି ଏକତ୍ରୁତ ହୋଇ ଏପଶିଲନ କମ୍ପାନୀ ସମ୍ମୁଖରେ କମ୍ପାନୀ ଦ୍ୱାରା ବେଆଇନ ଜଙ୍ଗଲ ଜମି ଦଖଲ , ରୋପଣ କରାଯାଇଥିବା ବୃକ୍ଷକୁ କ୍ଷତି ପହଂଚାଇବା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ଏବଂ ପ୍ରତିବାଦ ସଭା କରିଥିଲେ । ଓଡିଶାର ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା ଏହି ପ୍ରତିବାଦ ସଭାରେ ଯୋଗଦେଇ ଝାରସୁଗୁଡା ଜିଲ୍ଲାରେ ବର୍ତମାନ ଜଙ୍ଗଲ ଜମିକୁ କମ୍ପାନୀ ଗୁଡିକ ବେଆଇନ ଦଖଲ କରିବା ସହିତ ଲୋଲୁପ ବୃକ୍ଷି ପକାଇଛନ୍ତି ବୋଲି ମତ ପ୍ରକାଶ କରିଥିଲେ । ଏହା ସହିତ ଜିଲ୍ଲାରେ ଯେପରି ପରିବେଶ ପ୍ରଦୂଷଣ ବଢିବାକୁ ଯାଉଛି, ଏହି ଏପଶିଲନ କମ୍ପାନୀକୁ ଆରମ୍ଭରୁ ବିରୋଧ କରିବାର ଦରକାର ଥିଲା ଏବଂ ଆଗାମୀ ଦିନରେ ଶ୍ରୀପୁରା ଗ୍ରାମବାସୀ ଏକତ୍ରୁତ ହୋଇ ଏହି ଜଙ୍ଗଲ ଜମିକୁ ସୁରକ୍ଷା ଦେବେ ଏପଶିଲନ କମ୍ପାନୀ ଜଙ୍ଗଲ ଜମିରେ ପ୍ରବେଶ କରିପାରିବେ ନାହିଁ ବୋଲି କହିଛନ୍ତି । ଏହା ସହିତ କମ୍ପାନୀ ସମ୍ପୂର୍ଣ୍ଣ ଭାବେ ବେଆଇନ ପ୍ରକ୍ରିୟାରେ ଜଙ୍ଗଲ ଜମି ହାବେଦାରୀ ପାଇଁ ପ୍ରୟାସ କରୁଥିଲା ଏବଂ ଏଥିରେ ଜିଲ୍ଲା ଜୁନିୟରିଗ୍ରସ୍ତ ଅଧିକାରୀ ମଧ୍ୟ ସାମିଲ ରହିଛନ୍ତି ବୋଲି ଉଲ୍ଲେଖ କରିବା ସହିତ ଶ୍ରୀପୁରା ଗ୍ରାମବାସୀଙ୍କ ଏହି ଜଙ୍ଗଲ ଜମି ସୁରକ୍ଷା କାର୍ଯ୍ୟରେ ରାଜ୍ୟର ସମସ୍ତ ପ୍ରକୃତିପ୍ରେମୀ, ପରିବେଶବିତ ସାଥୀରେ ରହି ସହଯୋଗ ପ୍ରଦାନ କରିବୁ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଝାରସୁଗୁଡା ଜିଲ୍ଲା ପ୍ରଶାସନ ଶ୍ରୀପୁରା ଗ୍ରାମବାସୀଙ୍କୁ ଏହି ମହତ କାର୍ଯ୍ୟରେ ସହଯୋଗ କରନ୍ତୁ ବୋଲି ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଥିଲେ । ଶ୍ରୀପୁରା ଗ୍ରାମପଂଚାୟତ ସରପଂଚ ଯଶୋବନ୍ତୀ ପାଣ୍ଡେ ଏପଶିଲନ କମ୍ପାନୀକୁ ଏକ ଇଂଚ ଜଙ୍ଗଲ ଜମି ଛଡ଼ାଯିବ ନାହିଁ ବୋଲି ମତ ପ୍ରକାଶ କରିଛନ୍ତି । ପରିବେଶବିତ୍ ଅନନ୍ତ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ବିଶ୍ରାମର ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମିନତୀ ପାତ୍ର ମଧ୍ୟକୁ ପଛେ ଜଙ୍ଗଲ ଜମିକୁ କମ୍ପାନୀ ହାତରେ ଦେବିକୁ ନାହିଁ ବୋଲି କହିଛନ୍ତି । ଏହି ପ୍ରତିବାଦ ସଭାରେ ଶ୍ରୀପୁରା ଗ୍ରାମର ୫ ଶହରୁ ଅଧିକ ପୁରୁଷ ମହିଳା ଯୋଗଦେଇଥିଲେ ଏବଂ ଜଙ୍ଗଲ ଜମି ଓ ରୋପଣ କରାଯାଇଥିବା ବୃକ୍ଷ ଗୁଡିକର ସୁରକ୍ଷା ଆଜୀବନ କରିବା ପାଇଁ ଶପଥ ନେଇଥିଲେ ।

ଜିଏମୟୁ କ୍ୟାମ୍ପସ କମିଟି ଗଠିତ

ସମ୍ବଲପୁର,୮/୨(ନି/ପ୍ର): ସ୍ଥାନୀୟ ସାମାଜିକ ଭବନରେ ଆଜି ପ୍ରୋଗ୍ରେସିଭ ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜି.ଏମ.ୟୁ)ରେ +୩ ଓ +୨ କ୍ୟାମ୍ପସ କମିଟି ଘୋଷଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଭାରେ ନବନିଯୁକ୍ତ କର୍ମକର୍ତା ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରୋଗ୍ରେସିବ ଜିଏମୟୁ ସହ ଆବାହକ ତୁମନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ । ପ୍ରୋଗ୍ରେସିବ ସମ୍ବଲପୁରର ଆବାହକ ସଞ୍ଜିତ ମହାନ୍ତି ସମ୍ବଲପୁର ଓ ଜିଏମୟୁ ମଧ୍ୟରେ ଧର୍ମ ନିରପେକ୍ଷତା, ନାରୀ ସ୍ୱାଧିନତା, ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମାଜ ଗଠନ, ଶିକ୍ଷା ବ୍ୟବସ୍ଥାର ଉନ୍ନତି, ବିଶ୍ୱ ବିଦ୍ୟାଳୟର ସମସ୍ୟା ସମାଧାନ ଓ ରାଜ୍ୟ ସ୍ତରୀୟ, ଜାତୀୟ ସ୍ତରୀୟ ବିଭିନ୍ନ ବିଷୟରେ ଆଲୋଚନାପାତ କରିଥିଲେ । ଘୋଷଣା ଅନୁଯାୟୀ +୩ କମିଟିର ସଭାପତି ଭାବେ ଅଂଶୁମାନ ସାହୁ ଓ କାର୍ଯ୍ୟକାରୀ ସଭାପତି ଭାବେ ପ୍ରିୟଂଶୁ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି । ସତ୍ୟମ ପୁଜାରୀ ଓ ବିସମଚ ପାଣ୍ଡେ ଉପ ସଭାପତି, ଶିବୁପ୍ରସାଦ ବୀଟ, ଅମିୟ ବାରିକ ଓ ମୋନାଲିସା ନାହାକଙ୍କୁ ସାଧାରଣ ସମ୍ପାଦକ ଘୋଷଣା ହୋଇଛି । ସୁବ୍ରତ ମିଶ୍ରିଗ, ପ୍ରତୀକ ବେହେରା ଓ ଆଦର୍ଶ କୁମାର ରାଉଙ୍କୁ ସହାୟକ ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇ ଥିବାବେଳେ ଆଇ.ଟି. ସଂଯୋଜକ ଭାବରେ ଆଶିଷ ମେହେରଙ୍କୁ ଏବଂ +୨ କମିଟିରେ ଶିବୁ ସେଠ ସଭାପତି, ତ୍ରିଲୋଚନ ମହାଣ୍ଡା ଓ ହର୍ଷ ବର୍ଦ୍ଧନ ଜେନା କାର୍ଯ୍ୟକାରୀ ସଭାପତି, ଆୟୁଷ ମାଝି ଓ ରାହୁଲ ଭୋଇଙ୍କୁ ଉପ ସଭାପତି ନିଯୁକ୍ତ କରାଯାଇଛି । ସମୀର ପ୍ରଧାନ, ସଂଗ୍ରାମ ସିଂହ ଓ ସୁବ୍ରତ ରୋହିଦାସଙ୍କୁ ସାଧାରଣ ସମ୍ପାଦକ ଏବଂ ସ୍ୱତିକ ସାହୁ, ଆଶିଷ ହାଡୀ ଓ ସୁପ୍ରୀତ ସାହୁଙ୍କୁ ସହାୟକ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି ।

ଫଗୁଣରେ ଶୀତ :ଘୁ ଉଦୟଗିରିରେ ପାରା ୫.୬ ଡିଗ୍ରି ରେକର୍ଡ

ଘୁ.ଉଦୟଗିରି,୮/୨(ନି/ପ୍ର): କନ୍ଧମାଳଜିଲ୍ଲା ପ୍ରବଳ ଶୀତ ଏବଂ ଜାଡ଼ ପାଇଁ ସାରା ରାଜ୍ୟରେ ପରିଚିତ ଥିବା ବେଳେ ଚଳିବ ବର୍ଷ ଶୀତ ଏକ ପ୍ରକାର ଲୁଚକାଳି ଖେଳୁଛି । ମାଘ ମାସ ଶେଷ ହୋଇ ଫଗୁଣର ୬ ଦିନ ପ୍ରବେଶ କରିଛି । ବସନ୍ତ ଋତୁରେ ଶୀତରେ ଲୋକଙ୍କ ଜୀବନ ଅସ୍ତବ୍ୟସ୍ତ ହେଉଛି । ରାଜ୍ୟରେ ପାରବ ଉପରକୁମୁହାଁ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ସହରରେ ବିପରୀତ ପାର ଦେଖିବାକୁ ମିଳୁଛି । ଓଡ଼ିଶାର ସବୁଠାରୁ କମ୍ ତାପମାତ୍ରା ଥିବା ଏବଂ ଅଣ୍ଡାର ସହର ଭାବେ ଘୁ.ଉଦୟଗିରି ପରିଚିତ ହୋଇଛି । ଚଳିବ ବର୍ଷର ଶୀତର ଉଚ୍ ?ଆନ ପବନ ସହ ପାରବ ଉପର ତକ ଭିତରେ ଶୀତଋତୁର ଶେଷ ସମୟରେ ପୁଣି ପାରବ ତଳମୁଁହାଁ ହୋଇ ଆଜି ୫.୬ଡିଗ୍ରି ରେକର୍ଡ ହୋଇଛି । ଗତକାଲି ସହରର ତାପମାତ୍ରା ୯ ଡିଗ୍ରି ରେକର୍ଡ଼ କରାଯାଇଥିବା ବେଳେ ଗୋଟିଏ ଦିନରେ ତାପମାତ୍ରା ହଠାତ୍ ? ୩. ୪ଡିଗ୍ରି ତଳକୁ ଖସି ୫.୬ ଡିଗ୍ରିରେ ପହଂଚିଛି । ଜାଡ଼ ସାଙ୍ଗକୁ ପ୍ରବଳ ଶୀତ ଅନୁଭୂତ ହେଉଛି । ସୁଲୁସୁଲିଆ ଶୀତଳ ପବନ ବୋହିବା ଯୋଗୁଁ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି । ଦିନରେ ସୂର୍ଯ୍ୟଙ୍କ ପ୍ରକୋପ ସହ ଡାଡି ରହୁଥିବା ବେଳେ ସଞ୍ଜ ନଇଁଲେ ଥଣ୍ଡାର ପ୍ରକୋପ କହୁଛି । ରାତି ବଢ଼ିବା ସହ ଶୀତ ବଢ଼ି ଜାଡ଼ ସୃଷ୍ଟି ହେଉଛି । କିଛି ଦିନ ହେଲା ଶୀତ ଏକ ପ୍ରକାର ଭଲାନ ହୋଇଯାଇଥିବା ଯୋଗୁଁ ସାଧାରଣ ଲୋକ ନିଜ ନିଜ ଶୀତ ବସ୍ତ୍ରକୁ ଲୁଚି ଯାଇଥିଲେ । ହଠାତ ପୁଣି ଶୀତ ଲେଉଟିବା ପରେ ପୁଣି ଶୀତବସ୍ତ୍ର ପରିଧାନ କରି ଲୋକ ବାହାରକୁ ବାହାରୁ ଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ସହରରେ ଶୀତ ମହୋତ୍ସବ 'କୁଆଶା' ଆରମ୍ଭ ହେବା ଦିନ ଠାରୁ ଥଣ୍ଡାର ପ୍ରକୋପ ବୃଦ୍ଧି ପାଇଥିବା ବେଳେ ଶୀତ ମହୋତ୍ସବରେ ଅଂଚଳବାସୀ ଏବଂ ବାହାର ପର୍ଯ୍ୟଟକ ମହୋତ୍ସବ ର ମଜା ଉଠେଇବା ସହ ଶୀତ ର ମଜା ଉଠାଇଛନ୍ତି ।

କାଲିମେଳା ଡିଏଭି ଗୁରୁକୂଳ ବିଦ୍ୟାଳୟର ୧୨ତମ ବାର୍ଷିକ ଉତ୍ସବ ପାଳିତ

ମାଲକାନଗିରି,୮/୨(ନି/ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ସଦର ମହକୁମାରେ ଥିବା ଡିଏଭି ଗୁରୁକୂଳ ବିଦ୍ୟାଳୟ ର ୧୨ତମ ବାର୍ଷିକ ଉତ୍ସବ ଆଜି ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରିନ୍ସିପାଲ ଉପସ୍ଥେବ ଦେଓଙ୍କ ଏହି ଉତ୍ସବରେ ମାଲକାନଗିରି ୟୁନିଅନ ଅଫ କର୍ଣ୍ଣାଲିଷ ର ସଭାପତି ଦେବ ପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ଶିକ୍ଷାଚାର ଓ ସଂସ୍କାରର ଗୁରୁତ୍ୱ ବିଷୟରେ ଉପଦେଶ ଦେଇଥିଲେ । କାଲିମେଳା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମୁଖ୍ୟବକ୍ତା ଭାବେ ଧନେଶ୍ୱର ନାୟକ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଓ ଛାତ୍ରଛାତ୍ରୀମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସିମାଂଚଳ ପାଣିଗ୍ରାହୀ, ମାଲକାନଗିରି ଜିଲ୍ଲା ଡିଏଭି ଗୁରୁକୂଳ ସମୁହ ର ଅଧକ୍ଷ ସୁଶାନ୍ତ ସାମଲ, ସିଆରସିସି ଅସୀମ ପାଲ, ଅନନ୍ତ ପାଲ୍ଲୀ ଆଶ୍ରମ ବିଦ୍ୟାଳୟ ର ସହକାରୀ ଶିକ୍ଷକ ସମ୍ପତ୍ତୟ ସରକାର, ସମାଜସେବୀ ଜାମେଶ୍ୱର ପ୍ରଧାନ, ଏସ ରମେଶ,ବିଦ୍ୟାଳୟ ପରିଚାଳକ ଅନନ୍ତ ବାଶ, ବିଦ୍ୟାଳୟ ର ପ୍ରତିଷ୍ଠାତା ଜିଶୋର ଦାଶ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ବିକାଶ ବାଣ୍ଡି ପରିଚାଳନା କରିଥିଲା ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଥିଲା ।ବାର୍ଷିକଉତ୍ସବ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ଉମାଶଙ୍କର ଆଚାର୍ଯ୍ୟ, ଅଭିଷେକ ମଲ୍ଲିକ, ରୋହିତ ମଣ୍ଡଳ, ଅଭିମନ୍ୟୁ ମଣ୍ଡଳ, ସନିଆ ମାଡକାମୀ, ଶିକ୍ଷୟିତ୍ରୀ ରାକ୍ଷୀ ହାଲଦାର,ଲତିକା ରାଣୀପତି, ଜିର୍ଣ୍ଣା ପାତ୍ରୀ, ମିତା ଚାପାଲି, ମଇନା ବିଶ୍ୱାସ, ପୂର୍ଣ୍ଣିମା ଜେନା, ଶୁଭଶ୍ରୀ ପରିଡା, ଜୋତି ଦେବନାଥ ଯୋଗମେମାଡକାମୀ, ସହଯୋଗ କରିଥିଲେ ।

ଅଗ୍ନୀକାଣ୍ଡରେ ଜଳିଗଲା ଆଦିବାସୀ ପରିବାର

କୋରେଇ,୮/୨(ନି/ପ୍ର): ପାଣିକୋଇଲି ଥାନା ଅର୍ନ୍ତଗତ ପଥରପଦା ପଂଚାୟତ ଖସାଗଡିଆ ଗ୍ରାମ (ଓଡିଆ ଅଲେଖ ମଠ) ନିକଟରେ ଆଦିବାସୀ ପରିବାରରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାର ସର୍ବସ୍ୱାନ୍ତ ହୋଇଛି । ପୁଳାଶପେ ମଠ ପାର୍ଶ୍ୱରେ ଅନେକ ଆଦିବାସୀ ପରିବାର ଘର କରି ରହିଛନ୍ତି । ରସିକ ମୁଣ୍ଡା ନାମକ ଜଣେ ବ୍ୟକ୍ତି ମଧ୍ୟ ସେଠାରେ ଘର କରି ରହୁଥିଲା । ଆଜି ମଧ୍ୟାହ୍ନରେ ହଠାତ ଉକ୍ତ ଘରେ ନିଆଁ ଲାଗିଥିଲା । ହେଲେ ନିଆଁ ଲାଗିବାର କୌଣସି କାରଣ ଜଣା ପଡିନଥିଲା । ବାର୍ଦ୍ଧ ଦିନ ହେବ ବର୍ଷା ନହେବା ସହିତ ନୁଆଁଣିଆ ଚାଳଘର ସଂଗେ ସଂଗେ ହୁତହୁତ ହୋଇ ଜଳିଥିଲା । ଖବରପାଇ ବୈଚରଣୀରୋଡ ଦମକଳ ବାହିନୀ ସଂଗେ ନିଆଁଲୁ ଆୟତ କରିଥିଲେ ହେଁ ସେତେବେଳକୁ ସମସ୍ତ ଆସବାସ ପତ୍ର ପୋଡିଯାଇଥିଲା । ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇବେବାକୁ ସାଧାରଣରେ ବାବି ହୋଇଛି ।

ଯୁଗ୍ମ କୃଷି ନିର୍ଦ୍ଦେଶକଙ୍କ ମାଣ୍ଡିଆ ମଣ୍ଡି ପରିଦର୍ଶନ

ଜୟପୁର,୮/୨(ନି/ପ୍ର):କୋରାପୁଟ ଜିଲ୍ଲା ବେପାରିଗୁଡା ବ୍ଲକ ଚଣମକପୁର ମାଣ୍ଡିଆ ମଣ୍ଡିକୁ ଯୁଗ୍ମ କୃଷି ନିର୍ଦ୍ଦେଶକ ନନ୍ଦିନୀ ବଳେଜ ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ସମୟରେ ଜିଲ୍ଲା ଓ ବ୍ଲକ୍ ସ୍ତରର କୃଷି ବିଭାଗର ଅଧିକାରୀ , ଷ୍ଟାସନ୍ କର୍ମୀ ଟିଡିସିସି କର୍ମୀ ଓ ସିଡ୍ସ୍ୟସତି ସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ଥିଲେ ଏହି ପରିଦର୍ଶନ ବେଳକୁ ଯୁଗ୍ମ କୃଷି ନିର୍ଦ୍ଦେଶକ ନନ୍ଦିନୀ ବଳେଜ ମଣ୍ଡିରେ ଉପସ୍ଥିତ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରି ମାଣ୍ଡିଆ କ୍ରୟ ସମ୍ପର୍କିତ ବିଭିନ୍ନ ଏଫଏକ୍ୟୁ (ପ୍ରଶ୍ନ–ଉତର) ଉପରେ ସ୍ପଷ୍ଟତା ପ୍ରଦାନ କରିଥିଲେ । କ୍ରୟ ଦର, ଗୁଣମାନ, ମାପ ତୋଳା ପ୍ରଣାଳୀ ଓ ପ୍ରକ୍ରିୟାଗତ ବିଷୟରେ ଚାଷୀମାନଙ୍କ ସନ୍ଦେହ ନିରାକରଣ କରାଯାଇଥିଲା ।ଖରିଫ ବିପଣନ ଋତୁ ୨୦୨୫–୨୬ ପାଇଁ ବେପାରିଗୁଡ଼ା ବ୍ଲକର ସବୁଜିମା ପ୍ରତ୍ୟୁସର୍ସ କମ୍ପାନୀ ଲିମିଟେଡ୍ ମାଧ୍ୟମରେ ମାଣ୍ଡିଆ କ୍ରୟ ସଫଳତାର ସହିତ କରାଯାଇଥିଲା । ଏହି ବିନ୍ଦ ୪୦ ଜଣ ଚାଷୀଙ୍କୁ ଠାରୁ ସମୁଦାୟ ୫୬୮ ଟ୍ରିଟାଲ୍ ମାଣ୍ଡିଆ କ୍ରୟ କରାଯାଇଛି ।

ସମ୍ବଲପୁର ଜିଲ୍ଲା ରେଡ଼ାଖୋଲ ଏନଏସି ଅନ୍ତର୍ଗତ ଶୁଣ୍ଡିମୁଣ୍ଡା ଜାତି ଓ ଜନଜାତି ବିଦ୍ୟାଳୟ ଜନ୍ୟାଶ୍ରମରେ ଜିଲ୍ଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଏନଏଲସିଆଇଏଲ୍ ର ଚଲାବିରା ସିଏସଆର ଅଧୀନରେ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ

ଲୋଇସିଂହା ବ୍ଲକ୍ ଅନ୍ତର୍ଗତ ଚାଲଜୁରୀ ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ବଲାଙ୍ଗୀର,୮/୨(ନି/ପ୍ର):ଲୋଇସିଂହା ବ୍ଲକ୍ ଅନ୍ତର୍ଗତ ଚାଲଜୁରୀ ଆଦିବାସୀ ଉଚ୍ଚ ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷକ ନେପାଲ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଆଜି ବହୁଆଡମ୍ବର ସହ ବାର୍ଷିକ ଉତ୍ସବ ପାଳିତ ହୋଇଥିଲା , ସରପଂଚ ଶ୍ରୀମାନ ହିମାଂଚଳ ମେହେର ମୁଖ୍ୟ ଅତିଥି ହିସାବ ରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ହିସାବ ରେ ଯୋଗଦେଇଥିଲେ ପୂର୍ବତନ ସରପଂଚ ଶେଷବେଦ ଖମାରୀ ସମେତ ସ୍ୱାସ୍ଥ୍ୟ ମନ୍ତ୍ରୀ ଙ୍କ ପ୍ରତିନିଧି ଶ୍ରୀମତୀ ସମ୍ବିତା ବାଗ, ମୀନଜେନ୍ତନ ମେହେର, ମିଶ୍ରି ବରିହା, ସମ୍ବାଦ ଲୋଇସିଂହାର ପ୍ରତିନିଧି ବିମଳେନ୍ଦୁ ସାହୁ ମୁଖ୍ୟବକ୍ତା ରୂପରେ ଯୋଗ ଦେଇଥିଲେ ମଚ୍ଛକ୍ର ପ୍ରତିନିଧି ମହେଶ କର, ଗୀତ, ନାଚ, କବୁତା ତଥା ଫେନ୍ସୀ ଡ୍ରେସ୍ ଆଦି ଅନେକ ପ୍ରତିଯୋଗୀତା ହୋଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ନିଜ ର କଳ କମଳରେ ମଂଚାସିତ ଅତିଥି ସହିତ ପୁରାତନ ଛାତ୍ର ସମ୍ବାଦକ ଓ ଭଦ୍ରବ୍ୟକ୍ତି ଗଣ,, ପୂର୍ବରୁ ହୋଇଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମଧ୍ୟ ଆଜି ଦିନରେ ପୁରସ୍କୃତ କରା ହୋଇଥିଲା ।

କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଡଃ ଏସ୍ ଜୟଶଙ୍କରଙ୍କୁ ଭଦ୍ରକ ସାଂସଦଙ୍କ ସାକ୍ଷାତ

ଭଦ୍ରକ,୮/୨(ନି/ପ୍ର):ଭଦ୍ରକ ଜିଲ୍ଲାର ଯୁବ ନାବିକ ସାର୍ଥକ ମହାପାତ୍ର (୨୨) ଜାହାଜରୁ ଗତ ୫ ଦିନ ହେବ ନିଖୋଜ ହେବା ଘଟଣା ସମସ୍ତଙ୍କୁ ଦୁଃଖିତ କରିଛି । ଏହାକୁ ଗୁରୁତ୍ୱ ଦେବା ସହିତ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ କେନ୍ଦ୍ର ବୈଦେଶିକ ବିଭାଗ ମନ୍ତ୍ରୀ ଡଃ ଏସ୍ ଜୟଶଙ୍କରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ମନ୍ତ୍ରଣାଳୟ ତରଫରୁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି । ସେହିଭଳି ଆଜି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଚାନ୍ଦବାଲି ବିଧାୟକ ତଥା ବିଜେଡି ଜିଲା ସଭାପତି ଡ. ବ୍ୟୋମକେଶ ରାୟ ଓ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଭଦ୍ରକ ବ୍ଲକ୍ ବେତ୍ରାକ ପଂଚାୟତ କେଶପୁରର ଗୋପାଳବିନ୍ଧା ଗ୍ରାମରେ ପହଂଚି ସାର୍ଥକ ମହାପାତ୍ରଙ୍କ ପରିବାରକୁ ଭେଟି ଆଲୋଚନା କରିଛନ୍ତି । ନବୀନ ପଟ୍ଟନାୟକଙ୍କ ଟ୍ୱିଟ୍ ପରେ ରାଜ୍ୟ ସରକାର ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରିଛନ୍ତି । ଏଥିରେ ମଧ୍ୟ ବିରୋଧୀ ଦଳ ନେତା ବିଜି ସିଂହ ଓ ଏକ୍ସନ୍ସାଲ୍ ଏପାୟର୍ସ ମିନିଷ୍ଟ୍ରିଙ୍କୁ ଭେଟି ଅବଗତ କରାଇଛନ୍ତି । ବୁଜର ରାଜ୍ୟ ଓ କେନ୍ଦ୍ର ସରକାର ଘଟଣାକୁ ଗୁରୁତର ସହ ନେଇ ସାର୍ଥକଙ୍କୁ ଠାବ କରିବାକୁ ବିଜେଡି ଟିମ୍ ଦାବି କରିଛି । ଏଠାରେ ସୂଚନାଯୋଗ୍

ଫେବୃୟାରୀ ୧୨ ମୋଦି ସରକାରଙ୍କ ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ପ୍ରତ୍ୟାହାର ଓ ଅନ୍ୟାନ୍ୟ ଦାବିର ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ

ରାଉରକେଲା,୮/୨(ନି/ପ୍ର): କେନ୍ଦ୍ର ବି କେ ପି ନେତୃତ୍ୱାଧୀନ ମୋଦି ସରକାରଙ୍କ ଶ୍ରମ ବିରୋଧୀ ଶ୍ରମ କୋର୍ଡ ପ୍ରତ୍ୟାହାର ଦାବି ସହିତ ମନେରଗା ଆଇନ ର ପରିବର୍ତନ ବିରୁଦ୍ଧରେ,ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ନିୟନ୍ତ୍ରଣ କରିବା ଦାବିରେ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଗୁଡ଼ିକର ଘରୋଇକରଣ ବିରୁଦ୍ଧରେ, ବିଦ୍ୟୁତ ସଂଶୋଧନ ବିଲ୍-୨୦୨୫ ଓ ଆଠ ଘଣ୍ଟା କାମ କରିବାର ଅଧିକାର କୁ ବଜାୟ ରଖିବା ପାଇଁ ଦେଶର ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ସମସ୍ତ ସ୍ୱାଧୀନ କର୍ମଚାରୀ ଫେଡେରେସନ ମାନଙ୍କ ଆହ୍ୱାନ ରେ ଆଗାମୀ ଫେବୃୟାରୀ ୧୨ ତାରିଖ ଦେଶବ୍ୟାପୀ ୨୪ ଘଣ୍ଟିଆ ଧର୍ମଘଟ ଓ ହରତାଳ କୁ ସୁନ୍ଦରଗଡ଼ ଜିଲ୍ଲା ଓ ରାଉରକେଲା ରେ ସଫଳ କରିବା ପାଇଁ ଓ ଏହି ଧର୍ମଘଟ ରେ ଜନ ସାଧାରଣ ଙ୍କୁ ସାମିଲ ହେବାକୁ ଆହ୍ୱାନ କରି ଆଜି ରାଉରକେଲା କଳୁଙ୍ଗଂକର ଓରଜର୍ସ ୟୁନିୟନ,ଷ୍ଟିଲ ଏମ୍ପୋଇଜ ଟ୍ରେଡ ୟୁନିୟନ (ସି ଆଇ ଟି ୟୁ) ପକ୍ଷରୁ ଏକ ମୋଟର ସାଇକେଲ ରାଲି ସ୍ଥାନୀୟ ଶ୍ରମିକ ଭବନ ସେକ୍ଟର ୧୬ ଠାରୁ ବାହାରିବା ସହିତ ସେକ୍ଟର ୧୬,୧୭,୧୮,ଆୟାରାନ ଓ ଗଜପତି ମାର୍କେଟ, ସେକ୍ଟର ୧୫,୧୪ ଓ ସେକ୍ଟର ୧୩ ଅଂଚଳର ବିଭିନ୍ନ ବଜାର ରେ ପଥପ୍ରଚାର ସଭା,ସ୍ୱାକ୍ଷର କରି ସରକାର ଙ୍କ ଜନ ବିରୋଧୀ ନିତୀ ଓ ବିଦେଶୀ ଓ ଦେଶୀ ବୃହତ ପୁଞ୍ଜିପତି ମାନଙ୍କର ସ୍ୱାର୍ଥ ରକ୍ଷା ପାଇଁ ସାଧାରଣ ଲୋକଙ୍କୁ ଲୁଣ୍ଠନ କରୁଥିବା ନୀତି ବିରୁଦ୍ଧରେ ଜନ ସାଧାରଣ ଏହି ଧର୍ମଘଟ ରେ ସାମିଲ ହେବାକୁ ଆହ୍ୱାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଆନୁଷାଙ୍ଗିକ ଭାବରେ ଉଦଘାଟନ କରି ସି ଆଇ ଟି ୟୁ ର ରାଜ୍ୟ ସାଧାରଣ ସମ୍ପାଦକ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ସେକ୍ଟର ୧୬ ବଜାର ଠାରେ କହିଥିଲେ ଯେ ମୋଦି ସରକାର ଦେଶର ଶ୍ରମିକ ଶ୍ରେଣୀ କୁ ଗୋଲାମୀ ମଧ୍ୟକୁ ଠେଲି ଦେବାପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ସମସ୍ତ ଶ୍ରମ ଆଇନ କୁ ରଦ କରି କୋର୍ଡ ଲାଗୁ କରିଛନ୍ତି ଯାହା ଦେଶର ଶ୍ରମିକ ଶ୍ରେଣୀ କୁ ମାଲିକ ମାନଙ୍କ ନିଜଟରେ କ୍ରିତଦାସ କରିବା ପାଇଁ ଉଦ୍ଦିଷ୍ଟ। ଆଠ ଘଣ୍ଟା ସ୍ଥାନରେ ୧୨ ଘଣ୍ଟା କାର୍ଯ୍ୟ ଦିବସ,ଟ୍ରେଡ ୟୁନିୟନ କରିବାର ଶ୍ରମିକ ର ଅଧିକାର ଉପରେ ବ୍ୟାପକ କଟକଣା, ସର୍ବନିମ୍ନ ମଜୁରୀ ଓ ସାମାଜିକ ସୁରକ୍ଷା ଦାବି ପ୍ରତି ଅଙ୍ଗୁଶ ଲଗାଇବା ପାଇଁ ମୋଦି ସରକାର ଏହି ଶ୍ରମ କୋର୍ଡ ଲାଗୁ କରିଛନ୍ତି ଯାହାକୁ ଦେଶର ଶ୍ରମିକ ଶ୍ରେଣୀ କେବେହେଲେ ବରଦାସ୍ତ କରିବେ ନାହିଁ। ସରକାର ଙ୍କ ବଣି ମାରି ଝିଟିକା ଭଳି ପୋଷିବା ନୀତି ବିରୁଦ୍ଧରେ, ସାଧାରଣ ଲୋକଙ୍କୁ ବିଜିନ୍ନ ଆକରେ ଶୋଷଣ ବିରୁଦ୍ଧରେ ଆଗାମୀ ଫେବୃଆରୀ ୧୨ ମୋଦି ସରକାରଙ୍କ ପାଇଁ ଏକ ସତର୍କ ଘଣ୍ଟି, ତେଣୁ ଏହି ସାଧାରଣ ଧର୍ମଘଟ ଓ ହରତାଳ କୁ ଜନ ସାଧାରଣ ସଫଳ କରିବାକୁ ସେ ଆହ୍ୱାନ କରିଛେଲେ। ଏହି ରାଲି ଓ ପଥପ୍ରାନ୍ତ ସଭାରେ ସି ଆଇ ଟି ୟୁ ରାଜ୍ୟ ଉପସଭାପତି ବିମାନ ମାଇତି, ରାଜ୍ୟ ସଂପାଦକ ବସନ୍ତ ନାୟକ, ଜିଲ୍ଲା ଉପ ସଭାପତି ଶ୍ରୀମନ୍ତ ବେହେରା, ସଂପାଦକ ରାଜ କିଶୋର ପ୍ରଧାନ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ସଚିନ୍ ରାୟ, କୁଳମଣି ରାଉତ,ଜଗବିଶ ପାଲ, ଜୟେଜୟ ଘୋଷ ପ୍ରମୁଖ ନେତୃତ୍ୱ ନେଇଥିଲେ। ଅନୁରୂପ କାର୍ଯ୍ୟକ୍ରମ ରାଉରକେଲା ଜଟ୍ଟାଙ୍କର ଓରଜର୍ସ ୟୁନିୟନ,ସି ଆଇ ଟି ୟୁ ପକ୍ଷରୁ ସାରନଗରୀ ସ୍ଥିତ ପାଣିଟାଙ୍କି ଛକଠାରେ ସି ଆଇ ଟି ୟୁ ରାଜ୍ୟ ସଂପାଦକ ହୁଦୟାନନ୍ଦ ଯାଦବ,ବି ପି ମହାପାତ୍ର, ଅତୁଳ ଦାସ, ଉପେନ୍ଦ୍ର ତ୍ରିପାଠୀ,ବିନୟ ବେହୁରିଆ, ଅଶୋକ ଦାସ ପ୍ରମୁଖ ସଭା କରି ଧର୍ମଘଟ ରେ ଜନ ସାଧାରଣ ସାମିଲ ହେବାକୁ ଆହ୍ୱାନ କରିଥିଲେ।

ଶ୍ରୀଅରବିନ୍ଦ ଯୋଗର ବିଶିଷ୍ଟ ସାଧକଙ୍କ ବିୟୋଗରେ ସ୍ମୃତି ଚାରଣ ସଭା

ରାଉରକେଲା,୮/୨(ନି/ପ୍ର):ରାଉରକେଲାରେ ଶ୍ରୀଅରବିନ୍ଦଙ୍କ ଯୋଗର ଅଦ୍ୱିତୀୟ ସାଧକ ପ୍ରୟାତ ବିଶ୍ୱ ନାରାୟଣ ଘୋଷଙ୍କ ବିୟୋଗରେ ଶ୍ରୀ ଅରବିନ୍ଦ ସ୍କୁଲର ସଭା ଗୃହରେ ଏକ ସ୍ମୃତି ଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ସମ୍ପୂର୍ଣ୍ଣ ଭାବେ ସମର୍ପିତ ଜଣେ ଅନନ୍ୟ ସାଧକ, ଅତୁଳନୀୟ ବ୍ୟକ୍ତିତ୍ୱ ସ୍ୱର୍ଗତ ଘୋଷ ଥିଲେ ପ୍ରେମ ଓ ଶୁଭ କାମନାର ପ୍ରତିମୂର୍ତ୍ତି। ପ୍ରତ୍ୟେକ ଦିନ ପ୍ରାତଃ କାଳରେ ସହଯାତ୍ରୀ ଅନୁଜ ଅନୁଜା ମାନଙ୍କ ସହ ଶ୍ରୀଅରବିନ୍ଦଙ୍କ ସମାଧିରେ ଫୁଲ ସଜାଇବା ପରେ ସେ ପ୍ରାର୍ଥନା କକ୍ଷରେ ଘଣ୍ଟା ଘଣ୍ଟା ଧରି ଧ୍ୟାନ ମଗ୍ନ ରହୁଥିଲେ। ଯୋଗ ମନ୍ଦିରର ସମସ୍ତ ଭାଇ ଭଉଣୀ, ଆବାଳବୃଦ୍ଧବନିତାଙ୍କୁ ଭଲପାଇବା ସହ ମିଷ୍ଟ ସ୍ୱରରେ ଆଶିର୍ବାଦ ପ୍ରଦାନ କରି ସେ ସମସ୍ତଙ୍କର ହୃଦୟ ଜୟ କରିଥିଲେ। ଶ୍ରୀଅରବିନ୍ଦଙ୍କ ରଚିତ ପବିତ୍ର 'ସାବିତ୍ରୀ' ମହାକାବ୍ୟକୁ ଘଣ୍ଟା ଘଣ୍ଟା ଧରି ଆବୃତି କରିବା ତାଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟାର ଅଂଶ ବିଶେଷ ଥିଲା। ସିଦ୍ଧ ଯୋଗୀଙ୍କ ପରି ପୂର୍ଣ୍ଣ ବିକଶିତ ଚୈତ୍ୟ ପୁରୁଷଙ୍କୁ ବହନ କରୁଥିବା ସବୁରି ପ୍ରିୟ, ନିତ୍ୟ ମୁକ୍ତ ଘୋଷ ଦାଦା ସ୍ୱେଚ୍ଛାକୃତ ଭାବେ ସରସ୍ୱତୀ ପୂଜା ଦିନ ମଧ୍ୟାହ୍ନରେ ଲହଲାଳା ସମ୍ବରଣ କଲେ। ରାଉରକେଲାର ଶ୍ରୀଅରବିନ୍ଦ ଯୋଗ ମନ୍ଦିର ନିର୍ମାଣରେ ତାଙ୍କର ଅବଦାନ ଅବିସ୍ମରଣୀୟ। ତାଙ୍କ ବିୟୋଗରେ ଅନୁଷ୍ଠାନର ସଭାପତି ଡ. ଲୋଖାରାଣୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ସଚିବ ଡାକ୍ତର ପ୍ରଶାନ୍ତ କୁମାର ପାତ୍ର, ଭାରତ ଭୂଷଣ ମହାନ୍ତି, ଡ. ଜିଶୋରୀ ଦାଶ, ଜ୍ଞାନଙ୍କୀ ସାମଲ, ସ୍ନିଗ୍ଧା ଦାସ, ସଙ୍ଗୀତା ପଣ୍ଡା, ରବିନାରାୟଣ କବି, ସଞ୍ଜୟ ଆଚାର୍ଯ୍ୟ, ଶ୍ରୀଧର ସାମଲ ଓ ଭୁବେନ ନାୟକ ପ୍ରମୁଖ ପଚାଶରୁ ଊର୍ଦ୍ଧ୍ୱ ସାଧକ ସାଧିକା ଯୋଗ ବେଳ ବିଚଂସର ଆତ୍ମାଙ୍କ ସ୍ମୃତି ଚାରଣ କରିବା ସହ ଭାବପୂର୍ଣ୍ଣ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ସାଧକ ବିଶ୍ୱନାଥ ଆଚାର୍ଯ୍ୟ ପରିଚାଳନା କରିଥିଲେ।

ସରଳାଦେବୀ ଜୀବନାଦର୍ଶ ଓ ଅଗ୍ନିକନ୍ୟା ସରଳା ଆଲୋଚନାଚକ୍ର

ରାଉରକେଲା,୮/୨(ନି/ପ୍ର): ସାମାଜିକ ଅନୁଷ୍ଠାନ ଭଜକୁଣ୍ଡ ସାରସ୍ୱତ ସ୍ମୃତି ସଂସଦ ରାଉରକେଲା, ସରଳାଦେବୀ - ଭାରିରଥି ମହାପାତ୍ର ଟ୍ରଷ୍ଟ ଜଟକ ଓ ସେକ୍ଟର ୪ ସ୍ଥିତ ରାଉରକେଲା କଲେଜ ରାଉରକେଲା ର ମିଳିତ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସଭା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା କଲେଜ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପତିଙ୍କ ଅଧ୍ୟକ୍ଷତା ଓ ଜବୟିତ୍ରୀ ନିରୁପମା ପତିଙ୍କ ସଂଯୋଜନା କରିଥିଲେ। ଏଥିରେ ଉଦଘାଟକ ଭାବେ କଲେଜର ଅଧ୍ୟକ୍ଷ ଡ ବରାହୁ କୁମାର କେନା,ବିଷୟ ବିଶେଷଜ୍ଞ ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ର ଓଡ଼ିଆ ବିଭାଗର ସହକାରୀ ପ୍ରାଧ୍ୟାପିକା ଡ ସଂପୀତ୍ରା ବେହେରା ରାମାୟଣୀ ମାନସ ଦାସ, ବିଶିଷ୍ଟ ଅତିଥି ଭାବେ ରାଉରକେଲା କଲେଜର ଓଡ଼ିଆ ବିଭାଗର ମୁଖ୍ୟ ରଶ୍ମିପ୍ରଭା ମହାନ ଯୋଗଦେଇ ସରଳା ଦେବୀଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଉଦଘାଟକ ଡ କେନା ତାଙ୍କ ବକ୍ତବ୍ୟରେ ଏହି ଆଲୋଚନାଚକ୍ରକୁ ସମୟର ଆହ୍ୱାନ ତଥା ସରଳାଦେବୀ ଙ୍କୁ ସମାଜ ସଂସ୍କାରକ,ନିର୍ଭିକତାର ପ୍ରତୀକ ବୋଲି ଅବହିତ କରିଥିଲେ। ବିଷୟ ବିଶେଷଜ୍ଞା ଡ ବେହେରା ସରଳାଦେବୀଙ୍କ ଜୀବନାଦର୍ଶ ସମ୍ପର୍କରେ ବହୁ ଅଗାଲୋଚିତ ବିଗୁଢ଼ ଉନ୍ମୋଚନ କରିବା ସହ ତତ୍କାଳୀନ ସମୟରେ ବିଭିନ୍ନ ବାଧାବିଘ୍ନ ସତ୍ତ୍ୱେ ସେ କିପରି ରାଜନୀତି, ସମାଜସେବା ଓ ସାହିତ୍ୟ ସର୍ଜନା କରିଥିଲେ ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଆଲୋଚକ ରାମାୟଣୀ ଶ୍ରୀ ଦାସ ଆଲୋଚ୍ୟ ପ୍ରସଙ୍গ ଅଗ୍ନିକନ୍ୟା ସରଳା ସମ୍ପର୍କରେ ଆଲୋଚନା କରି ସାମ୍ପ୍ରତିକ ସମାଜ ଓ ତତ୍କାଳୀନ ସମାଜ ର ତୁଳନାତ୍ମକ ଚିତ୍ର ସହ ନାରୀ ମାନଙ୍କ ସଶକ୍ତିକରଣ ଓ ଦାୟିତ୍ୱ ତଥା ଜର୍ଜ୍ଜରିତବୋଧ ଉପରେ ମତ ରଖିଥିଲେ। ବିଶିଷ୍ଟ ଅତିଥି ଶ୍ରୀମତୀ ମଥାନ ସରଳାଦେବୀ ଙ୍କ ସ୍ମୃତି, ଆଦର୍ଶ ଓ ତାଙ୍କ ବ୍ୟକ୍ତିତ୍ୱ କିପରି ଆମ ଜନମାନସକୁ ପ୍ରଭାବିତ କରିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସଂସଦର ସମ୍ପାଦକ କବି ଭୁଷ୍ଣବିହାରୀ ରାଉତଙ୍କ ସ୍ୱାଗତ ଭାଷଣ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ଅନ୍ୟତମ ଆବାହକ ଟ୍ରଷ୍ଟର କାର୍ଯ୍ୟକାରୀ ସଂପାଦକ ତଥା ସରଳାଦେବୀ ଙ୍କ ନାତି ରଞ୍ଜୁପ୍ରକାଶ ମହାପାତ୍ର ସରଳା ଦେବୀଙ୍କ ସଂଗଠନ ସମ୍ପର୍କରେ ତଥା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ସର୍ବଶ୍ରୀ ଲୟାକ ଆଲାମ,ଦୀପକ ସାହୁ, ରାନୀ ବାଗ,ଆନିମା ପୁଷ୍ପା ଓ ଆୟୁଷ୍ମିତା ପତି ସରଳା ଦେବୀଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ଅତିଥି ମାନେ ନିରୁପମା ପତି ଙ୍କ ରଚିତ ପୁସ୍ତକ ବିଚିତ୍ର ବ୍ରହ୍ମାଣ୍ଡ ଉନ୍ମୋଚନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସଭାପତି ଶ୍ରୀ ପତିଙ୍କୁ ସାରସ୍ୱତ ବିଦ୍ୱାନ ସମ୍ମାନ, ଉଦଘାଟକ ଡ କେନା ଙ୍କୁ ବିଦ୍ୟାବାଗୀଶ ସମ୍ମାନ,ବିଷୟ ବିଶେଷଜ୍ଞ ଡ ବେହେରାଙ୍କୁ ଭାଗବଦେବୀ ସମ୍ମାନ, ବିଷୟ ବିଶେଷଜ୍ଞ ରାମାୟଣୀ ଶ୍ରୀ ଦାସଙ୍କୁ ବ୍ୟାସଦେବ ସମ୍ମାନ, ବିଶିଷ୍ଟ ଅତିଥି ପ୍ରାଧ୍ୟାପିକା ଶ୍ରୀମତୀ ମଥାନ ଙ୍କୁ ବିଦ୍ୟାବତୀ ସମ୍ମାନ, ଙ୍ଗୟାଚିଲା ଶ୍ରୀମତୀ ପତିଙ୍କୁ ସରସ୍ୱତୀ ସମ୍ମାନ, ଅନ୍ୟତମ ସଂସଦାଳିକା ଅଧ୍ୟାପିକା ପ୍ରିୟଙ୍କା ପଲେଇ ଙ୍କୁ ବିଦ୍ୟୁତପ୍ରଭା ସମ୍ମାନ, ରାଉରକେଲା ସ୍ପର୍ଶ ଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡ ସୁଷମା ଗୋଦାଙ୍କୁ ବିଦ୍ୟାବତୀ ସମ୍ମାନ, ରାଉରକେଲା କଲେଜର ପ୍ରାଧ୍ୟାପିକା ଭାରତୀ ବଗୁଆଙ୍କୁ ଶିକ୍ଷା ସାରଥୀ ସମ୍ମାନ, ପ୍ରାଧ୍ୟାପିକା ବନ୍ଦନା ସୋଲେଙ୍କୁ ଶିକ୍ଷା ଭାରତୀ ସମ୍ମାନ, ଅଧ୍ୟାପକ କଳୁଣାକର ପାଟ୍ଟଶାଣୀଙ୍କୁ ବିଦ୍ୟନ୍ନ ସମ୍ମାନ, ବିଆୟାଇ ସମ୍ବନ୍ଧିତ କରାଯାଇଥିଲା।

ବିକଶିତ ରାଷ୍ଟ୍ର ପାଇଁ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ସର୍ବୋପରି "ପଶ୍ଚିମାଂଚଳ"ର ରଜତ ଜୟନ୍ତୀ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ମତ

ରାଉରକେଲା, ୮।୨ (ନି/ପ୍ର):ଆସନ୍ତା ୨୦୩୦ ସୁଦ୍ଧା ଶିକ୍ଷା କ୍ଷେତ୍ରରେ ବ୍ୟାପକ ପିବର୍ତ୍ତନର ସମ୍ଭାବନା ରହିଛି ଏବଂ ତତ୍‌ପରବର୍ତ୍ତୀ ୧୦ ବର୍ଷ ଅର୍ଥାତ୍ ୨୦୪୦ ମସିହା ସୁଦ୍ଧା ଭାରତ ଶିକ୍ଷା କ୍ଷେତ୍ରରେ ସମଗ୍ର ବିଶ୍ୱରେ ଏକ ଅଗ୍ରଣୀ ରାଷ୍ଟ୍ରର ମାନ୍ୟତା ଲାଭ କରିବା ମଣିଷ ଜୀବନ ଉତ୍‌ଥାନ ପତନ ଦେଇ ଗତି କଲା ଭଳି ଏକ ରାଷ୍ଟ୍ରର ମଧ୍ୟ ଜୀବନ ଅଛି। ଭାରତ ଭଳି ଏକ ବିଶାଳ ରାଷ୍ଟ୍ରର ସାମାଜିକ ଜୀବନ ଜାତିଧର୍ମର ବିବିଧତାରେ ପରିପୂର୍ଣ୍ଣ। ତେବେ ଜାତି ଧର୍ମ ନିର୍ବିଶେଷରେ ସମସ୍ତେ ନିଜକୁ ଭାରତୀୟ ବୋଲି ଭାବିଲେ ଏ ବିଶାଳ ରାଷ୍ଟ୍ରର ବିକାଶ ସମ୍ଭବ ହେବା ଭୌତିକ ବିକାଶ ସହ ଆତ୍ମାତ୍ମିକ ଓ ସାଂସ୍କୃତିକ ବିକାଶ ନ ହେଲେ ଏକ ସମାବେଶୀ ରାଷ୍ଟ୍ର ଗଠନ ସମ୍ଭବ ନୁହେଁ ବୋଲି ମ୍ୟୁନିସିପାଲ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ଜୟନ୍ତୀ ଉତ୍ସବର ମୁଖ୍ୟବକ୍ତା ଡ.ସନାତନ ପ୍ରଧାନ କହିଛନ୍ତି। ସ୍ଥାନୀୟ ଛେଣ୍ଡ ସ୍ଥିତ ରିମ୍‌ସ ପ୍ରେକ୍ଷାଳୟରେ ଆୟୋଜିତ ଏହି ରଜତ ଜୟନ୍ତୀର ମୁଖ୍ୟ ଅତିଥି ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ "ପଶ୍ଚିମାଂଚଳ" ସାପ୍ତାହିକ ସମ୍ବାଦପତ୍ରର ୨୫ ବର୍ଷ ପୂର୍ତ୍ତି ପାଇଁ ଏହାର ପ୍ରକାଶନ ସହ ଜଡିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ସମ୍ବାଦପତ୍ରଟି ପଶ୍ଚିମ ଓଡିଶାର ଥିର ରୂପେ ନିଜକୁ ପ୍ରତିଷ୍ଠା କରିବା ସହ ଚିନ୍ତା ଓ ଚେତନାର ଅଗ୍ରଗାମୀ ସାପ୍ତାହିକ ରୂପେ ତା'ର କର୍ମ ଓ ଧର୍ମ ପଥକୁ ବିଚ୍ୟୁତ ହୋଇନାହିଁ ବୋଲି ମତ ଦେଇଥିଲେ। ଆମ ଶିକ୍ଷା ନୀତିରେ ଏବେ ଭାରତୀୟ ସଂସ୍କୃତିକୁ ତା'ର ନ୍ୟାର୍ଯ୍ୟ ସ୍ଥାନ ମିଳିଛି ବୋଲି ମତ ରଖି ରିମ୍‌ସର ନିର୍ଦ୍ଦେଶକ ଡଃ ଆର୍ଯ୍ୟ ପଟ୍ଟନାୟକ ଗୁଣାତ୍ମକ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଛାତ୍ରମାନଙ୍କ ମଧ୍ୟରେ କ୍ରମେ ଗୁରୁଭକ୍ତି ହ୍ରାସ ପାଉଥିବା ଉଦ୍‌ବେଗଜନକ ବୋଲି ମତ ଦେଇ ଏହାକୁ ଶିକ୍ଷାର ମୂଳାଧାର ବୋଲି ସେ କହିଥିଲେ। ଶିକ୍ଷାରେ ବୈଷୟିକ ବିଜ୍ଞାନର ଉପଯୋଗିତା ଉପରେ ଗୁରୁତ୍ୱ ଆରୋପ କରି ସେ କହିଲେ ଲୋଚଟ ଏବଂ କୃତ୍ରିମ ବୁଦ୍ଧିମତାର ସଠିକ୍ ବ୍ୟବହାର ନ ହେଲେ ଘର ଡିଜି କୁମ୍ଭୀର ହେଲା ଭଳି ଅବସ୍ଥା ସୃଷ୍ଟି ହେବ ବୋଲି ଆଶଙ୍କା ବ୍ୟକ୍ତ କରିଥିଲେ। ଡଃ ପ୍ରଭାତ କୁମାର ମଲ୍ଲିକ କହିଲେ ଯେ, ଆଜି ତାଙ୍କ ଲିଖିତ "ପଶ୍ଚିମ ଓଡିଶାର ଉପେକ୍ଷିତ ନାୟକ" ଯଦି ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ପାଠାଗାରର ଶୋଭାବର୍ଦ୍ଧନ କରୁଛି ତେବେ ତାହାର ଶ୍ରେୟ ପଶ୍ଚିମା ଜଳୁ ଯିବ । ଭାରଣ, ଉକ୍ତ ପୁସ୍ତକରେ ସ୍ଥାନିତ ତାଙ୍କର ଲେଖାସବୁ ପ୍ରଥମେ ପଶ୍ଚିମାଂଚଳରେ ହିଁ ପ୍ରକାଶ ପାଇଥିଲା। ଡଃ ଅଶୋକ କୁମାର ପଣ୍ଡା କହିଲେ, ସାୟାବିକମାନଙ୍କ ପେନ୍‌ସନ, ଘର ଆଦି ସମସ୍ୟା ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି କିନ୍ତୁ ସେମାନଙ୍କ ମଧ୍ୟରେ ଏକତାର ଅଭାବ ଓ ସେମାନେ ନିଜ ନିଜ ସ୍ୱାର୍ଥର ସାରଥୀ ଥିବାରୁ ତାହା ସମ୍ଭବ ହେଉନାହିଁ ତେଣୁ ସରକାରଙ୍କୁ ଦାୟୀ ନ କରି ଆମେ ନିଜେ ନିଜକୁ ଦାୟୀ କରିବା ଆବଶ୍ୟକ ବୋଲି କହିବା ସହ ସମ୍ବାଦପତ୍ର ପ୍ରକାଶନର ଙ୍ଗଘର୍ଷମୂଳକ ଇତିହାସ ଅବତାରଣା କରିଥିଲେ। "ପଶ୍ଚିମାଂଚଳ"ର କାର୍ଯ୍ୟବାହୀ ନିର୍ଦ୍ଦେଶକ ବୈଦ୍ୟନାଥ ମିଶ୍ର ପତ୍ରିକାର ଦୀର୍ଘ ୨୫ ବର୍ଷର ଙ୍ଗଘର୍ଷ କାହାଣୀକୁ ସଂକ୍ଷେପରେ ବର୍ଣ୍ଣନା କରି ପଶ୍ଚିମ ଓଡିଶାର ବିକାଶ କ୍ଷେତ୍ରରେ ଏହାର ଯୋଗଦାନ ବାସ୍ତବିକ ପ୍ରଶଂସନୀୟ ବୋଲି କହିବା ସହ ଏହାର ଉତରୋତର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରାରମ୍ଭିକ ଅଧିବେଶନରେ ସମ୍ପାଦିକା ଡା ସୁରମା ମିଶ୍ର ଅନ୍‌ଲାଇନ୍ ମଦର'ମାନଙ୍କ ଆବିର୍ଭାବ ଯୋଗୁ ପିଲାମାନେ ମାତୃ ସ୍ନେହରୁ ବଂଚିତ ହେଉଛନ୍ତି ବୋଲି କହିଥିଲେ। ନିଶା ଓ ପରସ୍ତା ପଛରେ ବୌଦ୍ଧି ପିତାମାତାମାନେ ପିଲାମାନଙ୍କୁ ଶିକ୍ଷା ପ୍ରତି ଉପଯୁକ୍ତ ଦୃଷ୍ଟି ଦେଉ ନଥିବାରୁ ବିଷାକ୍ତଗ୍ରସ୍ତ ସମାଜରେ ଛାତ୍ରଛାତ୍ରୀମାନେ ଆହୁରଦ୍‌ଯା କରୁଛନ୍ତି। ତେଣୁ ସମାଜ ସୁଧାରକମାନେ ଏ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ପ୍ରଭାଶକ ସ୍ୱରୂପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ମୁଖ୍ୟ ଅତିଥି ସହରର ୩ ଜଣ ମହିଳାଙ୍କ ସମେତ ୧୧ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା କରିଥିଲେ। ସେମାନଙ୍କ ମଧ୍ୟରେ ସୁଲେଖକ ରାଧୁ ମିଶ୍ର, ରାଜୀବ ପାଣି, ଶର୍ମିଷ୍ଠା କବିଶତପଥୀ, ନଳିନୀପ୍ରଭା ପଟ୍ଟନାୟକ, ନିହାରିକା ବସ୍ତିଆ, ଡଃ ଭାରିରଥି ଯୋଶୀ, ଦେବବ୍ରତ ଜେନା, ସଂଜୟ ବଗୁଆ, ପ୍ରବୀଣ ଅଗ୍ରୱାଲ, ଡଃ ଅଶୋକ କୁମାର ପଣ୍ଡା, ଡଃ ପୀତବାସୀ ମିଶ୍ର ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନିଜଟରେ "କଳାହାଣ୍ଡି ଆସୋସିଏସନ" ପକ୍ଷରୁ ସ୍ଥାନୀୟ ମଧୁସୂଦନ ପାଠାଗାର ଠାରେ ଆୟୋଜିତ ପିଠା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମଞ୍ଚ ପୁରସ୍କୃତ କରାଯାଇଥିଲା। ପରେ ଗୁଣାତ୍ମକ ଶିକ୍ଷା ଶୀର୍ଷକ ଏକ ଗୋଲ ଟେବୁଲ ଆଲୋଚନାଚକ୍ର ଅନୁ